



# ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA

epaper.odishanishabda.com

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com

Vol–1 ■ Issue–12 ■ 17th-23rd Sept. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୧୨ ■ ୧୭-୨୩ ସେପ୍ଟେମ୍ବର ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ■ ମୂଲ୍ୟ-୫.୦୦


## ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତ ସାରି ଓଡ଼ିଶା ଫେରିଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାକୁ ଆସିବ ୨.୪୩ ଲକ୍ଷ କୋଟିର ନିବେଶ, ସୃଷ୍ଟି ହେବ ୯ ଲକ୍ଷ ନିଯୁକ୍ତି

**ଭୁବନେଶ୍ୱର:** ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି UAE ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ସେ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି।

ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ ବିବୃତି ରଖି ସେ କହିଥିଲେ ଯେ, ଏହି UAE ଗସ୍ତ, ଗତ ଦୁଇବର୍ଷ ଧରି ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ।

୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ‘ଉତ୍କର୍ଷ ଓଡ଼ିଶା – ମେକ ଇନ ଓଡ଼ିଶା କନକ୍ଲେଭ’ ପରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଗୁଜରାଟ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି । ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି । UAE ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଙ୍ଗ୍, ୬ଟି ରାଉଣ୍ଡ ଟେବୁଲ ମିଟିଙ୍ଗ୍, ୪୬ଟି ୱାନ୍-ଟୁ-ୱାନ୍ ମିଟିଙ୍ଗ୍ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି।

ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ। ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ . ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ନିଆଳି ବିଧାୟକ ଛବି ମଲ୍ଲିକ, ଭଟଲି ବିଧାୟକ ଶ୍ରୀ ଇରାସିସ ଆଚାର୍ଯ୍ୟ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ ଏବଂ ବିପୁଳ ସଂଖ୍ୟାରେ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଜଣାଇଥିଲେ ।

● ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲା ସମୁଦାୟ ପୁଞ୍ଜି ନିବେଶ ପ୍ରସ୍ତାବ

● ଆମେ ଆମର ସର୍ବାଧିକ ସାମର୍ଥ୍ୟ ଯୁବବର୍ଗଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଉପଯୋଗ କରୁଛୁ : ମୁଖ୍ୟମନ୍ତ୍ରୀ



## କମିବ ଦାଦନ ! ରାଜ୍ୟରେ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



**ଭୁବନେଶ୍ୱର :** ନିଯୁକ୍ତି ବିନା ବିକଶିତ ଓଡ଼ିଶା ଲକ୍ଷ କେବେ ସଫଳ ହୋଇପାରିବ ନାହିଁ। ଯାହା ଉପରେ ଗୁରୁତ୍ୱ ଦେଇଛନ୍ତି ସରକାର। ଓଡ଼ିଶାରେ ନିବେଶ ପାଇଁ ବିଦେଶରୁ ବିପୁଳ ପୁଞ୍ଜି ଆସିଛି। ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ନିବେଶ ସମ୍ମିଳନୀ ସହ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ସାଢେ ୨୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆଶା କରାଯାଉଛି। ଏସବୁ ପ୍ରକଳ୍ପକୁ ବାସ୍ତବରେ କାର୍ଯ୍ୟକାରୀ କରି ପ୍ରାୟ ୧୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ ରଖିଛନ୍ତି ସରକାର। ଯାହା ଦ୍ୱାରା ଦାଦନ ଶ୍ରମିକଙ୍କ ସଂଖ୍ୟା କମିବ। କିନ୍ତୁ ସମାଲୋଚନା କରିଛି ବିଜେଡି।

ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ୟୁଏଇ ଗସ୍ତ ପରେ ଓଡ଼ିଶାରେ ବ୍ୟାପକ ନିବେଶ ନେଇ ଆଶା ବଢିଛି। ପୁଞ୍ଜିନିବେଶ ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟକ୍ଷେତ୍ରରେ ପ୍ରକଳ୍ପରେ ପରିଣତ ହେଲେ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଗତ ଦୁଇ ବର୍ଷରେ ସାଢ଼େ ୨୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ନେଇ ଚୁକ୍ତି ହୋଇଛି। ଯାହାଦ୍ୱାରା ପ୍ରାୟ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ନେଇ ଲକ୍ଷ୍ୟ ରଖିଛନ୍ତି ସରକାର। ଉତ୍କର୍ଷ ଓଡ଼ିଶାଠୁ ନେଇ ବିଦେଶ ସବୁଠି ନିବେଶ ମେଳା କରୁଛନ୍ତି ସରକାର। ପୂର୍ବ ଅପେକ୍ଷା ଏଥର ବଡ଼ ବଡ଼ କମ୍ପାନୀ ନିବେଶ ପାଇଁ ଏମଓୟୁ କରିଥିବାରୁ ଅଧିକ ନିଯୁକ୍ତି ସୃଷ୍ଟିର ଆଶା ବଢିଛି। ବିଶେଷକରି ରାଜ୍ୟ ଭିତରେ ଯେମିତି ଅଧିକରୁ ଅଧିକ ନିଯୁକ୍ତି ମିଳିବ ତା ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଆସିବାକୁ ଥିବା ପ୍ରସ୍ତାବଗୁଡ଼ିକୁ ପ୍ରକଳ୍ପ ଓ ନିଯୁକ୍ତିରେ ପରିଣତ କରିବା ଦିଗରେ କାର୍ଯ୍ୟ କରିବେ।

ମୋଟ୍ ୯.୫୭ ଲକ୍ଷ କୋଟି ନିବେଶରେ ୬ ଲକ୍ଷ ୩୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ୟୁଏଇ ନିବେଶ ସମ୍ମିଳନୀରୁ ପ୍ରତ୍ୟକ୍ଷ ୬ ଲକ୍ଷ ସହ ମୋଟ୍ ୯ ଲକ୍ଷ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରଖିଛନ୍ତି ସରକାର। ଏହାକୁ ସମାଲୋଚନା କରିଛି ବିଜେଡି। ବିଜ୍ଞାପନରେ ଯେତିକି ଖର୍ଚ୍ଚ ହୋଇଛି ସେତିକି ନିବେଶ ମିଳିବ କି ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ନେତା। ଯାହାର ଜବାବ ରଖିଛି ବିଜେପି।

ରାଜ୍ୟରେ ମୁଖ୍ୟତଃ ମେଟାଲ ଆଣ୍ଡ ମିନେରାଲ୍ସ, ପେଟ୍ରୋକେମିକାଲ, ଗ୍ରିନ୍ ଏନର୍ଜି ଯନ୍ତ୍ରାଂଶ, ଟେକ୍ସଟାଇଲ, ଫୁଡ୍ ପ୍ରୋସେସିଂ, ରେୟାର ଆର୍ଥ, ସେମିକଣ୍ଡକ୍ଟର, ଏରୋସ୍ପେସ୍ ଏବଂ ଡିଫେନ୍ସ କ୍ଷେତ୍ରରେ ଇନଭେଷ୍ଟମେଣ୍ଟ ହେବ। ଓଡ଼ିଶାରୁ ଲକ୍ଷାଧିକ ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି। ଯଦି ଆଶା ଅନୁଯାୟୀ ଏହି ପ୍ରକଳ୍ପଗୁଡିକ ଫଳପ୍ରଦ ହୁଏ, ରାଜ୍ୟରୁ ଦାଦନ ଶ୍ରମିକଙ୍କ ସଂଖ୍ୟା ନିଶ୍ଚିତ କମିବ।

## ଗଣେଶ ପୂଜାରେ ଏକାଠି ଅମ୍ବାନୀ ପରିବାର ସହ ଡ. ଅଚ୍ୟୁତ ସାମନ୍ତ



**ମୁମ୍ବାଇ:** ଓଡିଶା ନିଶବ୍ଦ- ମୁମ୍ବାଇସ୍ଥିତ ଅମ୍ବାନୀ ପରିବାରର ବାସଭବନ ‘ଆଣ୍ଟିଲିଆ’ରେ ଆୟୋଜିତ ପବିତ୍ର ଗଣେଶ ପୂଜା ଉତ୍ସବରେ ଯୋଗଦେଇଥିଲେ ପ୍ରଫେସର (ଡ.) ଅଚ୍ୟୁତ ସାମନ୍ତ। ଭକ୍ତି, ଆଧ୍ୟାତ୍ମିକତା ଓ ସୌହାର୍ଦ୍ଦର ପରିବେଶରେ ଆୟୋଜିତ ଏହି ଉତ୍ସବରେ ବହୁ ସଂଖ୍ୟକ ଅତିଥିଙ୍କ ସମାଗମ ହୋଇଥିଲା।

ବିଶେଷ କଥା ହେଉଛି, ବ୍ୟସ୍ତତା ଓ ବହୁ ସଂଖ୍ୟକ ଅତିଥିଙ୍କ ଉପସ୍ଥିତି ସତ୍ତ୍ୱେ ଅମ୍ବାନୀ ପରିବାରର ମୁକେଶ ଅମ୍ବାନୀ, ନୀତା ଅମ୍ବାନୀ ଓ ଅନନ୍ତ ଅମ୍ବାନୀ ବ୍ୟକ୍ତିଗତ ଭାବେ ସମୟ ବାହାର କରି ପ୍ରଫେସର (ଡ.) ଅଚ୍ୟୁତ ସାମନ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅମ୍ବାନୀ ପରିବାର ସହ ସେ କିଛି ସମୟ ବିତାଇବା ସହ ବିଭିନ୍ନ ବିଷୟରେ ଆପଣାର ଓ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନା କରିଥିଲେ।

ସନ୍ଧ୍ୟା ସମୟରେ ଅନନ୍ତ ଅମ୍ବାନୀଙ୍କ ସହ ମଧ୍ୟ ଶ୍ରୀ ଅଚ୍ୟୁତ ସାମନ୍ତ କିଛି ସମୟ ଧରି କଥାବାର୍ତ୍ତା କରିଥିଲେ। ଏହି ସାକ୍ଷାତକାର ସମୟରେ ଅନୁଭୂତି ସମ୍ପର୍କରେ ଡ. ସାମନ୍ତ କହିଥିଲେ ଯେ, ଅନନ୍ତ ଅମ୍ବାନୀଙ୍କ ଉଚ୍ଚ ପଦମର୍ଯ୍ୟାଦା ଓ ବ୍ୟସ୍ତ ଜୀବନଶୈଳୀ ସତ୍ତ୍ୱେ ତାଙ୍କ ବ୍ୟବହାରରେ ଅତ୍ୟନ୍ତ ସ୍ନେହ, ବିନମ୍ରତା ଓ ଆତ୍ମୀୟତା ପ୍ରକାଶ ପାଇଥାଏ। ତାଙ୍କ ବ୍ୟକ୍ତିତ୍ୱ ଚମତ୍କାର ଓ ମନକୁ ଛୁଇଁଯିବା ଭଳି ବୋଲି ସେ ମତ ପ୍ରକାଶ କରିଥିଲେ।

ଆଣ୍ଟିଲିଆରେ ଅନୁଷ୍ଠିତ ଏହି ଗଣେଶ ପୂଜା ଅବସରରେ ଅମ୍ବାନୀ ପରିବାର ଓ ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ମଧ୍ୟରେ ହୋଇଥିବା ଏହି ଆତ୍ମୀୟ ସାକ୍ଷାତକାର ଓ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନା ଉତ୍ସବର ଏକ ଉଲ୍ଲେଖନୀୟ ମୁହୂର୍ତ୍ତ ହୋଇଥିଲା।

## ରେୟାରଫର୍ମ ଷ୍ଟୁଡିଓକୁ ଜାତୀୟ ପୁରସ୍କାର, ଡିଜାଇନ୍ ଜଗତରେ ଓଡ଼ିଶାର ନୂଆ ପରିଚୟ









**ଭୁବନେଶ୍ୱର:** ଡିଜାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରସ୍ଥିତ ଅଗ୍ରଣୀ ଡିଜାଇନ୍ ସଂସ୍ଥା ରେୟାରଫର୍ମ ଷ୍ଟୁଡିଓ (Rareform Studio) ‘ଭାରତର ଶ୍ରେଷ୍ଠ ୟଙ୍ଗ୍ ଡିଜାଇନ୍ ଷ୍ଟୁଡିଓ ପୁରସ୍କାର–୨୦୨୬’ ହାସଲ କରିଛି। ଏହି ଜାତୀୟ ସ୍ୱୀକୃତି ଅବସରରେ ଷ୍ଟୁଡିଓ ପକ୍ଷରୁ ଭୁବନେଶ୍ୱରରେ ‘ଓଡ଼ିଶାର ଡିଜାଇନ୍ ସଂସ୍କୃତିର ଭବିଷ୍ୟତ’ ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।

ଏହି ଆଲୋଚନାରେ ଓଡ଼ିଶାର ସମୃଦ୍ଧ କଳା, ହସ୍ତଶିଳ୍ପ, ସ୍ଥାପତ୍ୟ ଓ ପାରମ୍ପରିକ ସୃଜନଶୀଳତାକୁ ଆଧୁନିକ ଡିଜାଇନ୍ ସହ ଯୋଡ଼ିବା ନେଇ ମତବିନିମୟ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟି, ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ଶତପଥୀ, ବଲିଉଡ୍ ଆର୍ଟିଷ୍ଟ ସୁକାନ୍ତ ପାଣିଗ୍ରାହୀ ଏବଂ ଏନ୍‌ଆଇଏଫ୍‌ଟିର ପ୍ରଫେସର ସୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନାର ଦାୟିତ୍ୱ ବିଜୟ ଲକ୍ଷ୍ମୀ ପରିଜା ତୁଲାଇଥିବା ବେଳେ ମିଡିଆ ସଂଯୋଗର ଦାୟିତ୍ୱ ଚକ୍ରଧର ମାଝୀ ନେଇଥିଲେ।

କାର୍ଯ୍ୟକ୍ରମରେ ରେୟାରଫର୍ମ ଷ୍ଟୁଡିଓର ସହ-ପ୍ରତିଷ୍ଠାତା ପ୍ରଶାନ୍ତ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇ ଷ୍ଟୁଡିଓର ଯାତ୍ରା ଓ ସଫଳତା ବିଷୟରେ ଆଲୋକପାତ କରିଥିଲେ। ଡିଜାଇନ୍ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ମୌଳିକ ଚିନ୍ତାଧାରା, କଳ୍ପନା ଓ କାହାଣୀ କହିବାର ଏକ ମାଧ୍ୟମ ବୋଲି ସେ ମତ ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରାଚୀନ କଳା, ହସ୍ତଶିଳ୍ପ ଓ ସ୍ଥାପତ୍ୟ ଆଧୁନିକ ଡିଜାଇନ୍ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ।

ଷ୍ଟୁଡିଓର ସହ-ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ହେଡ୍ ନୀଲ୍ ଆୟା କହିଥିଲେ ଯେ ଜାତୀୟ ପୁରସ୍କାର ଡିଜାଇନ୍ ମାଧ୍ୟମରେ କାହାଣୀ କହିବାର ସେମାନଙ୍କ ପ୍ରୟାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି। ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଷ୍ଟୁଡିଓର ଯାତ୍ରା ଓଡ଼ିଶାର ମାଟି ଓ ପରମ୍ପରାରୁ ପ୍ରେରଣା ନେଇ ଆଗକୁ ବଢୁଛି ବୋଲି ସେ କହିଥିଲେ। ଶେଷରେ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରି ଏହି ପୁରସ୍କାରକୁ ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି ଅଭିହିତ କରିଥିଲେ। ଓଡ଼ିଶାର ସୃଜନଶୀଳତାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ସହ ରାଜ୍ୟରେ ଏକ ଦୃଢ଼ ସୃଜନଶୀଳ ପରିବେଶ ଗଠନ କରିବା ଷ୍ଟୁଡିଓର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ।

## ୟୁପିଆଇରେ ଲାଗିବ ୦.୪% ଶୁଳ୍କ: ଅକ୍ଟୋବର ୧୫ରୁ ଲାଗୁ




**ନୂଆଦିଲ୍ଲୀ:** ଦୀର୍ଘଦିନର ପ୍ରତୀକ୍ଷା ପରେ ୟୁପିଆଇ କାରବାର ପାଇଁ ସରକାର ଏମ୍‌ଡିଆର (ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍) ଘୋଷଣା କରିଛନ୍ତି। ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ୦.୪ % ହାରରେ ଏହି ରାଶି ଆଦାୟ ହେବ। ଅକ୍ଟୋବର ୧୫ରୁ ଏହା କାର୍ଯ୍ୟକାରୀ ହେବ ବୋଲି ନ୍ୟାସନାଲ ପେମେଣ୍ଟସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ କୁହାଯାଇଛି। ତେବେ ଦୋକାନୀ ବା ମର୍ଚ୍ଚାଣ୍ଟମାନେ ଏହି ରାଶି ସେମାନଙ୍କ ବ୍ୟାଙ୍କକୁ ପ୍ରଦାନ କରିବେ। ଗ୍ରାହକଙ୍କ ଉପରେ ଏହା ଲଦାଯାଇ ପାରିବ ନାହିଁ। ୭୫ ହଜାର ଟଙ୍କା ଏବଂ ତଦୂର୍ଦ୍ଧ୍ୱ ପୈଠ କ୍ଷେତ୍ରରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ ପ୍ରତି କାରବାର ପିଛା ୩୦୦ଟଙ୍କାରେ ସୀମିତ ରହିବ। ଉଦାହରଣ ସ୍ୱରୂପ ୩୦୦୦ ଟଙ୍କାର ୟୁପିଆଇ ପେମେଣ୍ଟ କ୍ଷେତ୍ରରେ ଦୋକାନୀ ବା ମର୍ଚ୍ଚାଣ୍ଟ ୦.୪ ପ୍ରତିଶତ ଏମ୍‌ଡିଆର ବାବଦରେ ୧୨ ଟଙ୍କା ପ୍ରଦାନ କରିବ। ସେହିଭଳି ୫୦ ହଜାର ପେମେଣ୍ଟ କ୍ଷେତ୍ରରେ ଏହା ୨୦୦ ଟଙ୍କା ହେବ। ୭୫ ହଜାର ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟରେ ଏହି ହାର ମଧ୍ୟ ୦.୪% ଆକାରରେ ଆଦାୟ ହେବ। କିନ୍ତୁ ୭୫ ହଜାର ଟଙ୍କା ଓ ତଦୂର୍ଦ୍ଧ୍ୱ ପୈଠ କ୍ଷେତ୍ରରେ ଏମ୍‌ଡିଆର ୩୦୦ ଟଙ୍କାରେ ସୀମିତ ରହିବ। ୟୁପିଆଇ ପେମେଣ୍ଟ ପାଇଁ ଗ୍ରାହକଙ୍କଠାରୁ କୌଣସି କାରବାର ଶୁଳ୍କ ଆଦାୟ କରାଯିବ ନାହିଁ। ସେହିଭଳି ୟୁପିଆଇ ଆପ୍ ପ୍ରଦାନକାରୀମାନେ ପ୍ଲାଟଫର୍ମ ଫି’ କିମ୍ବା ଅନ୍ୟ କୌଣସି ଚାର୍ଜ ୟୁପିଆଇ ପେମେଣ୍ଟରେ ଆଦାୟ କରିପାରିବେ ନାହିଁ। କିନ୍ତୁ କେତେକ ମର୍ଚ୍ଚାଣ୍ଟ ବର୍ଗକୁ ପୃଥକ୍ ଭାବେ ଫ୍ଲାଟ୍ ହାରରେ ଏମ୍‌ଡିଆର ଚାର୍ଜ ଦେବାକୁ ପଡ଼ିବ। ରେଳବାଇ, ଟେଲିକମ୍ ସେବା, ବୀମା ଓ ପେଟ୍ରୋଲ ପମ୍ପ ଭଳି ମର୍ଚ୍ଚାଣ୍ଟ ବର୍ଗରେ ୨୦୦୦ ଟଙ୍କାରୁ ଅଧିକ ପୈଠ କ୍ଷେତ୍ରରେ ଏମ୍‌ଡିଆର ଚାର୍ଜ ୦.୪ % ପରିବର୍ତ୍ତେ ପ୍ରତି କାରବାର ପିଛା ୫ ଟଙ୍କା ରହିବ। ସେହିଭଳି ବିଦ୍ୟୁତ୍, ପାଣି, ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ପାଇଁ ୨୦୦୦ ଟଙ୍କାରୁ ଅଧିକ ପୈଠ କ୍ଷେତ୍ରରେ ମଧ୍ୟ ଫ୍ଲାଟ୍ ୫ ଟଙ୍କା ଏମ୍‌ଡିଆର ଆଦାୟ କରାଯିବ। ପୁଞ୍ଜି ବଜାର କାରବାର କ୍ଷେତ୍ରରେ ଏମ୍‌ଡିଆର ହାରକୁ ୦.୦୨% ବର୍ଗରେ ରଖାଯାଇଛି। ଅର୍ଥାତ୍ ମ୍ୟୁଚୁଆଲ ଫଣ୍ଡ, ସିକ୍ୟୁରିଟିଜ୍, ଷ୍ଟକ ବ୍ରୋକର, ଡିଲର ଏବଂ ନିବେଶ ପ୍ଲାଟଫର୍ମଗୁଡ଼ିକରେ ୦.୦୨% ହାରରେ ଏମ୍‌ଡିଆର ଆଦାୟ ହେବ। କିନ୍ତୁ ଏ କ୍ଷେତ୍ରରେ ମଧ୍ୟ ସର୍ବୋଚ୍ଚ ଶୁଳ୍କ ସୀମା ୩୦୦ ଟଙ୍କା ରଖାଯାଇଛି।









## ୬ଷ୍ଠ ଶ୍ରେଣୀ ପିଲାଙ୍କୁ ତ୍ରିଭାଷା ନୀତିରେ କୋହଳ କର : ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ :** ସିବିଏସ୍‌ଇର ତ୍ରିଭାଷା ନୀତିକୁ ନେଇ ଚାଲିଥିବା ମାମଲାରେ ସୁପ୍ରିମକୋର୍ଟ ଚଳିତ ଶିକ୍ଷାବର୍ଷ ପାଇଁ ୬ଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଏହି ନୀତିରୁ ବାଦ୍ ଦେବାକୁ ବିଚାର କରିବାକୁ କହିଛନ୍ତି। ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଏକ ୩ଜଣିଆ ଖଣ୍ଡପୀଠ, ସିବିଏସ୍‌ଇର ତ୍ରିଭାଷା ନୀତିକୁ ଚ୍ୟାଲେଞ୍ଜ କରୁଥିବା ଏକାଧିକ ଆବେଦନର ଶୁଣାଣିକୁ ସେପ୍ଟେମ୍ବର ୧୭କୁ ଘୁଞ୍ଚାଇବା ସହିତ ଚଳିତ ଶିକ୍ଷାବର୍ଷରେ ୬ଷ୍ଠ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ କିପରି କୋହଳ କରାଯାଇପାରିବ, ସେନେଇ ବୋର୍ଡକୁ ବିଚାର କରିବାକୁ କହିଛନ୍ତି। ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ଉପଲବ୍ଧ ନଥିବାରୁ ଏସ୍‌ଜି ମେହଟ୍ଟା କୋର୍ଟଙ୍କୁ ଏହି ଆବେଦନଗୁଡ଼ିକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ତଥାପି ସଂପୃକ୍ତ ଅଧିକାରୀମାନେ ଖଣ୍ଡପୀଠର ପରାମର୍ଶ ଉପରେ ବିଚାର କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ଜଣେ ଆବେଦନକାରୀଙ୍କ ବରିଷ୍ଠ ଓକିଲ କହିଛନ୍ତି ଯେ, ଅଧିକ ସମୟ ସ୍ଥଗିତ ରଖିବା ଦ୍ୱାରା ମାମଲା ବିଳମ୍ବିତ ହେବା ଉଚିତ ନୁହେଁ, କାରଣ ଛାତ୍ରୀଛାତ୍ରମାନଙ୍କୁ ଶେଷରେ ପରୀକ୍ଷା ଦେବାକୁ ପଡ଼ିବ ଏବଂ ଏହା ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ାଉଛି।

୨୦ରେ ସୁପ୍ରିମକୋର୍ଟ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ୩ଟି ଭାଷା ପଢ଼ିବାକୁ ବାଧ୍ୟତାମୂଳକ କରୁଥିବା ସିବିଏସ୍‌ଇ ନୀତିରୁ ଉତ୍ପନ୍ନ ସମସ୍ୟାଗୁଡ଼ିକର ସମାଧାନ ସନ୍ଧାନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ମତ ଦେଇଥିଲେ ଯେ, ପିଲାମାନେ କୌଣସି ପ୍ରକାର ଚାପର ସମ୍ମୁଖୀନ ହେବା ଉଚିତ ନୁହେଁ। ଖଣ୍ଡପୀଠ ଦର୍ଶାଇଥିଲେ ଯେ ଉପଲବ୍ଧ ଭାଷା ବିକଳ୍ପଗୁଡ଼ିକ ସମ୍ବନ୍ଧରେ ଯଥେଷ୍ଟ ମାନବ ସମ୍ବଳ ଭିତ୍ତିଭୂମି କିପରି ନିର୍ମାଣ କରାଯିବ, ତାହାକୁ ବିଚାରକୁ ନେବାକୁ ପଡ଼ିବ। ଜଣେ ଆବେଦନକାରୀ ଯୁକ୍ତି ଦର୍ଶାଇଛନ୍ତି ଯେ, ୬ଷ୍ଠରୁ ୮ମ ଶ୍ରେଣୀ ପାଇଁ ପାଠ୍ୟକ୍ରମ ପ୍ରଣୟନ କରିବାରେ ସିବିଏସ୍‌ଇର କୌଣସି କ୍ଷେତ୍ରାଧିକାର ନାହିଁ, କାରଣ ଏହା ଏନ୍‌ସିଇଆରଟି ଦ୍ୱାରା କରାଯିବା ଉଚିତ। ମେ ୨୭ରେ ଏହି ନୀତିକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନର ପରୀକ୍ଷା କରିବାକୁ ଶୀର୍ଷ କୋର୍ଟ ରାଜି ହୋଇଥିଲେ ଏବଂ କେନ୍ଦ୍ର, ସିବିଏସ୍‌ଇ ଏବଂ ଏନ୍‌ସିଇଆରଟିକୁ ସେମାନଙ୍କର ଜବାବ ଦାଖଲ କରିବାକୁ ନୋଟିସ୍ ଜାରି କରିଥିଲେ। ସିବିଏସ୍‌ଇ ଦ୍ୱାରା ଜାରି ଏକ ସର୍କୁଲାର ଅନୁଯାୟୀ ଜୁଲାଇ ୧ରୁ ୯ମ ଶ୍ରେଣୀ ଛାତ୍ରଛାତ୍ରଙ୍କ ପାଇଁ ଅନ୍ୟୂନ୍ୟ ୨ଟି ଭାରତୀୟ ସ୍ଥାନୀୟ ଭାଷା ସମେତ ୩ଟି ଭାଷା ଅଧ୍ୟୟନକୁ ବାଧ୍ୟତାମୂଳକ କରାଯାଇଛି।

## ପ୍ରବାସୀ ଭାରତୀୟ ବ୍ୟବହାର କରିବେ ଆଧାର କାର୍ଡ




**ନୂଆଦିଲ୍ଲୀ:** ଭାରତରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ସ୍ୱତନ୍ତ୍ର ପରିଚୟ 'ଆଧାର'କୁ ବିଦେଶରେ ପହଞ୍ଚାଇବା ଦିଗରେ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) କାର୍ଯ୍ୟ କରୁଛନ୍ତି। ବିଶେଷ କରି ପ୍ରବାସୀ ଭାରତୀୟ ଓ ଭାରତରେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଦୃଷ୍ଟିରେ ରଖି ଏହି କାର୍ଡ ଜାରି କରାଯିବ। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୟୁଆଇଡିଏଆଇର ସିଇଓ ସୌରଭ ବିଜୟ ଏହା କହିଥିଲେ। ଆଧାରକୁ ଆମେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଚାହୁଁଛୁ। ସେ ଦିଗରେ କାମ ମଧ୍ୟ ଆରମ୍ଭ କରିଛୁ। ଏହା କିଭଳି ସମ୍ଭବ ହୋଇପାରିବ ତାହାକୁ ନେଇ ମାନସମନ୍ଥନ ଚାଲିଛି। କିଛି ଚିନ୍ତାଧାରା ମଧ୍ୟ ବିକଶିତ ହୋଇଛି ବୋଲି ସେ କହିଥିଲେ। ବିଦେଶରେ ବାସ କରୁଥିବା ଭାରତୀୟ ନାଗରିକମାନେ ଯେଭଳି ଆଧାରକୁ ବ୍ୟବହାର କରିପାରିବେ, ସେଥିପାଇଁ ଆଇନଗତ ଦିଗ ଉପରେ ମଧ୍ୟ ବିଚାର କରାଯାଉଛି।

## ଚିଲିର ନର୍ସିଂ ହୋମ୍‌ରେ ଅଗ୍ନିକାଣ୍ଡ, ୧୬ ବୃଦ୍ଧଙ୍କ ମୃତ୍ୟୁ




**ସାଣ୍ଟିଆଗୋ:** ଚିଲିର ଆରାଉକାନିଆ ଅଞ୍ଚଳର ପିଟ୍ରୁଫକେନ୍ ସହରରେ ଥିବା ଏକ ନର୍ସିଂ ହୋମ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୬ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଅଗ୍ନିକାଣ୍ଡର ଘଟଣାସ୍ଥଳ ରାଜଧାନୀ ସାଣ୍ଟିଆଗୋଠାରୁ ପ୍ରାୟ ୬୪୦ କିଲୋମିଟର ଦକ୍ଷିଣରେ। ଅଗ୍ନିକାଣ୍ଡ ସମୟରେ ନର୍ସିଂ ହୋମ୍‌ରେ ମୋଟ ୨୬ ଜଣ ବୃଦ୍ଧ ରହୁଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉଦ୍ଧାର କରାଯାଇଥିବା ୧୦ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲ୍‌କୁ ନିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଘଟଣାର ତଦନ୍ତ କରୁଥିବା ଜର୍ଜ ଗ୍ରାନାଡା କହିଛନ୍ତି, ଅଗ୍ନିକାଣ୍ଡରେ କୌଣସି ତୃତୀୟ ପକ୍ଷର ସମ୍ପୃକ୍ତି ଅଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ନର୍ସିଂ ହୋମ୍‌ର ମାଲିକମାନଙ୍କୁ ମଧ୍ୟ ପଚରାଉଚରା ପାଇଁ ଡକାଯାଇଛି। ଚିଲିର ରାଷ୍ଟ୍ରପତି ଜୋସେ ଆଣ୍ଟୋନିଓ କାଷ୍ଟ୍‌ଘଟଣାରେ ଶୋକ ପ୍ରକାଶ କରିବା ସହ ଦେଶର ସମସ୍ତ ନର୍ସିଂ ହୋମ୍‌ର ସ୍ଥିତି ଯାଞ୍ଚ ପାଇଁ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ସଙ୍କଟ ସମୟରେ ଏକାଠି ହେବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



**ନୂଆଦିଲ୍ଲୀ :** ସାରା ବିଶ୍ୱରେ ଏବେ ଅଶାନ୍ତି ବଢି ବଢି ଚାଲିଛି। ଯୁଦ୍ଧ ସହ ଅସ୍ଥିରତା ବଢୁଥିବାରୁ ବିଶ୍ୱବାସୀ ଚିନ୍ତାରେ ଅଛନ୍ତି। ଏହାର ପ୍ରଭାବ ଯୋଗାଣ ଶୃଙ୍ଖଳ ଉପରେ ପଡିଛି। ବିକାଶ ଓ ପର୍ଯ୍ୟାବରଣ ମଧ୍ୟରେ ସମାନତା ରହିବା ଦରକାର। ସଙ୍କଟ ସମୟରେ ଏକାଠି ହେବାର ଆବଶ୍ୟକତା ରହିଛି। ନାଗରିକ ଓ ସଂଗଠନ ବ୍ରିକ୍ସ ସହ ଯୋଡ଼ି ହେବାର ଆବଶ୍ୟକତା ଅଛି। ବ୍ରିକ୍ସରେ ଗ୍ଲୋବାଲ୍ ସାଉଥ୍ ରାଷ୍ଟ୍ରର ପ୍ରଭାବ ବଢି ଯାଇଛି। ବିବିଧତା ମଧ୍ୟରେ ଏକତା ହିଁ ଆମର ପରିଚୟ। ମହାମାରୀ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡୁଛି। ସୁସ୍ଥ ଜୀବନ ଶୈଳୀ ପାଇଁ ସ୍ୱଚ୍ଛ ବାୟୁର ଆବଶ୍ୟକତା ଅଛି। ପ୍ରତିଟି ଆହ୍ୱାନକୁ ସାମ୍ନା କରିବା ସାହାସ ରହିବା ଉଚିତ୍। ରାଜଧାନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀର ଦ୍ୱିତୀୟ ଦିନରେ ଭାରତ ମଣ୍ଡପମରେ ଉଦଯାପନୀ ଅଧିବେଶନରେ ଏପରି କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଥମେ ମୋଦୀ ସମସ୍ତ ସଦସ୍ୟ ରାଷ୍ଟ୍ରମୁଖ୍ୟଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସଭାକୁ ସମ୍ବୋଧିତ କରିଥିଲେ। ଏହି ସମୟରେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗ, ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନ ରାଷ୍ଟ୍ରପତି ମସୁଦ ପେଜୋଶିକୟାନ, ମାଲେସିଆ ପ୍ରଧାନମନ୍ତ୍ରୀ ଅନବର ଇବ୍ରାହିମ ଓ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରୋବାବୋ ସୁବିୟାନ୍ତୋ ଉପସ୍ଥିତ ଥିଲେ। ଏହି ଅବସରରେ ମୋଦୀ କହିଛନ୍ତି ଯେ, ଟେକ୍ନୋଲୋଜି ଓ ଜରୁରୀ ଖଣିଜ ପଦାର୍ଥକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଦ୍ୱାରା ବିକାଶରେ ବାଧା ଆସିପାରେ। ଏହି ସମାବେଶ ବିବିଧ ଦେଶ, ସଂସ୍କୃତି ଏବଂ ପରମ୍ପରାକୁ ଏକାଠି କରିଛି। ଏହା ବ୍ରିକ୍ସର ବର୍ଦ୍ଧିତ ଶକ୍ତି ଏବଂ ଅଭୂତପୂର୍ବ ଆତ୍ମବିଶ୍ୱାସର ପରିଣାମ। ଭାରତର ଅଧ୍ୟକ୍ଷତାରେ ଆମେ ୪ଟି ସ୍ତମ୍ଭ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ। ସେଗୁଡିକ ହେଲା - ନମନୀୟତା, ନବସୃଜନ, ସହଯୋଗ ଓ ସ୍ଥିରତା। ମହାମାରୀ, ଜଳବାୟୁ ବିପର୍ଯ୍ୟୟ ଏବଂ ଯୋଗାଣ ଶୃଙ୍ଖଳା ବାଧା ପ୍ରମାଣିତ କରିଛି ଯେ କୌଣସି ସଙ୍କଟ ଗୋଟିଏ ଅଞ୍ଚଳରେ ସୀମିତ ନୁହେଁ। ଏହି କାରଣରୁ, ଭାରତ ଏହିପରି ସଙ୍କଟର ମୁକାବିଲା ପାଇଁ ସଂକ୍ରାମକ ରୋଗର ପ୍ରସାରକୁ ରୋକିବା ଏବଂ ମୁକାବିଲା କରିବା ପାଇଁ 'ବ୍ରିକ୍ସ ସମନ୍ୱିତ ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ' ପ୍ରତିଷ୍ଠା କରିବା ପାଇଁ ଏକ ଚୁକ୍ତିନାମା ହୋଇଛି। କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ଜ୍ଞାନ, ଅର୍ଥ ଏବଂ ନୂତନ ବଜାର ସହିତ ସଂଯୋଗ କରିବା ପାଇଁ ବ୍ରିକ୍ସ ଏମଏସଏମଇ ସହଯୋଗ ପୋର୍ଟାଲ୍ ପଦକ୍ଷେପ ଆରମ୍ଭ କରାଯାଇଛି। ଅର୍ଲି ୱାର୍ଣ୍ଣିଂ ଡାଟା ଇଣ୍ଟିଗ୍ରେସନ ସିଷ୍ଟମ ପାଇଁ ଗାଇଡଲାଇନ ପ୍ରସ୍ତୁତ କରାଯାଇଛି। ବ୍ରିକ୍ସ ଲଜିଷ୍ଟିକ ସପ୍ଲାଏ ଚେନର ସହଯୋଗରେ ଆମର ସପ୍ଲାଏ ଚେନକୁ ଅଧିକ ବିଶ୍ୱାସଯୋଗ୍ୟ ଓ ମଜବୁତ ହେବାରେ ସହଯୋଗ କରିବ। ଗ୍ଲୋବାଲ ସାଉଥ ସାମ୍ନାରେ ଆଗକୁ ଆସିବାକୁ ଥିବା ଚ୍ୟାଲେଞ୍ଜ ଗୁଡିକ ସହ ଲଢିବା ପାଇଁ ବ୍ରିକ୍ସ ଦେଶ ଏକାଠି କାମ କରିବା ଉଚିତ୍। କାରଣ ବ୍ରିକ୍ସ ପ୍ରତି ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକର ବିଶ୍ୱାସ ମଜବୁତ ହୋଇଛି। ଏହା ମୁଖ୍ୟତଃ ପ୍ଲାଟଫର୍ମର ସ୍ୱରକୁ ବୃଦ୍ଧି କରିବା ଏବଂ ସେମାନଙ୍କର ଅଭିଜ୍ଞତାକୁ ମୂଲ୍ୟ ଦେବାର କ୍ଷମତା ଯୋଗୁଁ ହୋଇଛି। ବ୍ରିକ୍ସର ପ୍ରକୃତ ଶକ୍ତି ଏହାର ଅଂଶଗ୍ରହଣକାରୀ ଦେଶଗୁଡ଼ିକର ବିବିଧତା ଏବଂ ସେମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗରେ ରହିଛି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଭାରତୀୟ ସଭ୍ୟତାରେ ପ୍ରକୃତିକୁ ମାତା ଭାବରେ ବିବେଚନା କରାଯାଏ। ଶତାବ୍ଦୀ ଧରି ଆମେ ବିଶ୍ୱାସ କରିଆସୁଛୁ ଯେ ବିକାଶ ଏବଂ ପରିବେଶ ବିକଳ୍ପ ନୁହେଁ, ବରଂ ପରିପୂରକ। ବ୍ରିକ୍ସରେ, ଆମେ ମାନବ ବିକାଶ ଏବଂ ପରିବେଶ ମଧ୍ୟରେ ସନ୍ତୁଳନ ଉପରେ ମଧ୍ୟ ଗୁରୁତ୍ୱ ଦେଇଆସିଛୁ। ଏହା ସ୍ଥାୟୀତ୍ୱର ମୂଳଦୁଆ ଏବଂ ଭବିଷ୍ୟତ ପିଢ଼ି ପ୍ରତି ଆମର ଦାୟିତ୍ୱ। ସ୍ମାର୍ଟ ଗ୍ରୀଡ୍ ଏବଂ ଶକ୍ତି ସଂରକ୍ଷଣ ପାଇଁ ଏକ ବ୍ରିକ୍ସ ଡିଜିଟାଲ୍ ଉତ୍କର୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କୃଷି ପରିବେଶ ବିଜ୍ଞାନ ଏବଂ ପୁନର୍ଜନ୍ମ କୃଷିରେ ଉତ୍କର୍ଷତା କେନ୍ଦ୍ର ପାରମ୍ପରିକ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହିତ ସଂଯୁକ୍ତ କରିବ। ସମ୍ପ୍ରଦାୟ-ଆଧାରିତ ଜଳବାୟୁ ଅନୁକୂଳନ ପାଇଁ ବିକଶିତ ନୀତି ସ୍ୱଦେଶୀ ଜ୍ଞାନକୁ ଜଳବାୟୁ କାର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କରିବ। ଏହି ଚାରୋଟି ସ୍ତମ୍ଭକୁ ଆଗକୁ ବଢ଼ାଇ, ବ୍ରିକ୍ସ ମାଧ୍ୟମରେ, ଆମେ ଅନ୍ତର୍ଭୁକ୍ତ ବିଶ୍ୱ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରିଛୁ। ଆମେ ବିଶ୍ୱାସ କରୁ ଯେ ବ୍ରିକ୍ସରେ ବିକଶିତ ସମାଧାନର ଲାଭ କେବଳ ବ୍ରିକ୍ସ ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ ବୋଲି ମୋଦୀ କହିଥିଲେ।

## ବିଦେଶୀ ମୁଦ୍ରା ଭଣ୍ଡାରରେ ଚତୁର୍ଥ ସ୍ଥାନରେ ଭାରତ

### ପକାଇ ଶୀର୍ଷରେ ଚୀନ, ଜାପାନ ଦ୍ୱିତୀୟ, ସ୍ୱିଜରଲାଣ୍ଡ୍ ତୃତୀୟ




**ମୁମ୍ବାଇ:** ଭାରତ ବିଶ୍ୱର ଚତୁର୍ଥ ବୃହତ୍ ବିଦେଶୀ ମୁଦ୍ରା ଭଣ୍ଡାର ଥିବା ରାଷ୍ଟ୍ରରେ ପରିଣତ ହୋଇଛି। ରୁଷ୍‌କୁ ପଛରେ ପକାଇ ଭାରତ ଏହି ସ୍ଥାନ ହାସଲ କରିଛି। ସେପ୍ଟେମ୍ବରରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ରେକର୍ଡ ୪୪.୯ ବିଲିଅନ ଡଲାରର ବୃଦ୍ଧି ଘଟିବା ସହ ଏହା ୭୮୫.୭ ବିଲିଅନ ଡଲାରରେ ପହଞ୍ଚିଛି। ଭାରତର ଉପରକୁ ଏବେ ଚୀନ, ଜାପାନ ଓ ସ୍ୱିଜରଲାଣ୍ଡ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ବୋଲି ବ୍ଲୁମବର୍ଗ ତଥ୍ୟରୁ ଜଣାଯାଇଛି।

ତଥ୍ୟରୁ ଜଣାଯାଇଛି ଯେ ବ୍ୟାଙ୍କ ଅଫ୍ ରୁଷ୍‌ର ବିଦେଶୀ ମୁଦ୍ରା ଭଣ୍ଡାର ସେପ୍ଟେମ୍ବର ୪ ସୁଦ୍ଧା ୭୫୩.୫ ବିଲିଅନ ଡଲାରରେ ରହିଛି। ତା ପୂର୍ବ ସପ୍ତାହରେ ରୁଷ୍‌ର ବିଦେଶୀ ମୁଦ୍ରା ଭଣ୍ଡାର ୭୭୪.୨ ବିଲିଅନ ଡଲାରରେ ରହିଥିଲା। ତେଣୁ ସପ୍ତାହକ ମଧ୍ୟରେ ରୁଷ୍‌ର ବିଦେଶୀ ମୁଦ୍ରା ଭଣ୍ଡାର ୨୦.୭ ବିଲିଅନ ଡଲାର ହ୍ରାସ ଘଟିଛି। ଚୀନ ନିକଟରେ ସବୁଠୁ ଅଧିକ ଅର୍ଥାତ୍ ୩.୮୫ ଟ୍ରିଲିଅନ ଡଲାରର ବିଦେଶୀ ମୁଦ୍ରା ରହିଛି। ଏହା ପଛକୁ ଜାପାନ ପାଖରେ ୧.୨୧ ଟ୍ରିଲିଅନ ଡଲାରର ବିଦେଶୀ ମୁଦ୍ରା ରହିଛି। ସେହିଭଳି ସ୍ୱିଜରଲାଣ୍ଡ୍‌ର ବିଦେଶୀ ମୁଦ୍ରା ଭଣ୍ଡାରର ଆକାର ୧.୦୯ଟ୍ରିଲିଅନ ଡଲାର ସ୍ତରରେ ରହିଛି।

ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି ପଛରେ ପ୍ରବାସୀଙ୍କ ପାଇଁ ରିଜର୍ଭ ବ୍ୟାଙ୍କ ଆଣିଥିବା ଏଫ୍‌ସିଏନ୍‌ଆର (ବି) ଜମା ଯୋଜନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଦେଶୀ ମୁଦ୍ରା ଭଣ୍ଡାର ବୃଦ୍ଧି ଫଳରେ ଭାରତୀୟ ଅର୍ଥନୀତିର ମୂଳଦୁଆ ମଜଭୁତ୍ ଥିବା ପ୍ରତିଫଳିତ ହୋଇଛି। ଏଥି ସହିତ ଟଙ୍କାର ବିନିମୟ ମୂଲ୍ୟରେ ଅସ୍ଥିରତା ଦେଖାଦେଲେ ସେଥିରେ ସ୍ଥିରତା ଆଣିବା ରିଜର୍ଭ ବ୍ୟାଙ୍କ ପାଇଁ ସହଜ ହେବ।

ଅନ୍ୟପକ୍ଷରେ ଭାରତୀୟ ବ୍ୟାଙ୍କିଂ ବ୍ୟବସ୍ଥାରେ ବର୍ତ୍ତମାନ ଅଧିକ ନଗଦ ଅର୍ଥ ରହିଛି। ତାହାକୁ ପରିଚାଳନା କରିବା ପାଇଁ ରିଜର୍ଭ ବ୍ୟାଙ୍କ ୧ ଲକ୍ଷ କୋଟି ଟଙ୍କାର ବଣ୍ଡ୍ ଖୋଲା ବଜାରରେ ବିକ୍ରି କରିବା ଲାଗି ଘୋଷଣା କରିଛି। ୩ଟି ପର୍ଯ୍ୟାୟରେ ଏହି ବଣ୍ଡ୍ ବିକ୍ରି କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୦ ହଜାର କୋଟି ଟଙ୍କାର ବଣ୍ଡ୍? ବିକ୍ରି ସେପଟ୍ଟେମ୍ବର ୧୭ରେ ହେବ। ଏହା ପରେ ସେପଟ୍ଟେମ୍ବର ୨୧ରେ ୨୫ ହଜାର କୋଟି ଏବଂ ସେପଟ୍ଟେମ୍ବର ୨୮ରେ ୨୫ ହଜାର କୋଟି ଟଙ୍କାର ବଣ୍ଡ୍ ବିକ୍ରି ହେବ ବୋଲି ଜଣାଯାଇଛି।

## ୟୁକ୍ରେନ୍ ଯୁଦ୍ଧ ଶେଷ ପାଇଁ ମୋଦୀ-ଜିନ୍‌ପିଙ୍ଗ୍‌ଙ୍କ ସହାୟତା ପ୍ରସ୍ତାବକୁ ରୁଷ୍‌ର ସ୍ୱାଗତ



**ନୂଆଦିଲ୍ଲୀ:** ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହାୟତା ପ୍ରସ୍ତାବକୁ ରୁଷ୍ ସ୍ୱାଗତ କରିଛି। ନୂଆଦିଲ୍ଲୀରେ ଚାଲିଥିବା ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଏହି ଦୁଇ ନେତା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଯୁଦ୍ଧ ଶେଷ କରିବା ପାଇଁ ନିଜ ନିଜର କୂଟନୈତିକ ସହଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଥିବା କ୍ରେମ୍‌ଲିନ୍ କହିଛି।

କ୍ରେମ୍‌ଲିନ୍‌ର ମୁଖପାତ୍ର ଦିମିତ୍ରି ପେସ୍‌କୋଭ୍ କହିଛନ୍ତି, ମୋଦୀ ଓ ଜିନ୍‌ପିଙ୍ଗ୍ ଉଭୟେ ପୁଟିନ୍‌ଙ୍କୁ ନିଜ ଦେଶର 'ସଦିଚ୍ଛାପୂର୍ଣ୍ଣ ସହଯୋଗ' ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଆଲୋଚନା ଆଗକୁ ବଢ଼ାଇବାରେ ଦୁଇ ଦେଶ ସହାୟକ ହୋଇପାରନ୍ତି। ମୋଦୀଙ୍କ ପକ୍ଷରୁ ଏଭଳି ସହଯୋଗ ପ୍ରସ୍ତାବ ପୂର୍ବରୁ ମଧ୍ୟ ଦିଆଯାଇଥିବା ରୁଷ୍ ସୂଚନା ଦେଇଛି। ଏହି ଘଟଣା ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରୁଷ୍-ୟୁକ୍ରେନ୍ ଶାନ୍ତି ଉଦ୍ୟମ ଆଗକୁ ବଢ଼ିପାରୁନାହିଁ। ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ପକ୍ଷରୁ ଆଲୋଚନାର ରାସ୍ତା ଖୋଲିବାକୁ ପ୍ରୟାସ ହୋଇଥିଲେ ମଧ୍ୟ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ମୁଖ୍ୟ ପ୍ରସଙ୍ଗଗୁଡ଼ିକରେ ସହମତି ହୋଇପାରିନାହିଁ। ଫଳରେ ଶାନ୍ତି ଆଲୋଚନା ଅଟକି ରହିଛି।

ରୁଷ୍ ପକ୍ଷରୁ ଭାରତର ଭୂମିକାକୁ ନେଇ ମଧ୍ୟ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ମୋଦୀ ମଧ୍ୟ ପୁଟିନ୍‌ଙ୍କ ସହ ବୈଠକରେ ଯୁଦ୍ଧର ସମାଧାନ ପାଇଁ କୂଟନୀତି ଓ ଆଲୋଚନାକୁ ଗୁରୁତ୍ୱ ଦେଇଛନ୍ତି। ଚୀନ୍ ମଧ୍ୟ ଯୁଦ୍ଧର ରାଜନୈତିକ ସମାଧାନ ପାଇଁ ଆଲୋଚନା ପକ୍ଷରେ ରହିଛି। ବ୍ରିକ୍ସ ସମ୍ମିଳନୀରେ ମୋଦୀ, ଜିନ୍‌ପିଙ୍ଗ୍ ଓ ପୁଟିନ୍‌ଙ୍କ ଏକାଠି ଆଲୋଚନା ଏହି ପ୍ରସଙ୍ଗରେ ଗୁରୁତ୍ୱ ବହନ କରିଛି। ରୁଷ୍ ଆଶା କରୁଛି, ଯୁଦ୍ଧ ଶେଷ ପାଇଁ କୂଟନୈତିକ ପ୍ରୟାସରେ ଭାରତ ଓ ଚୀନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

## ଚାଇନା ପରେ ଭାରତ ତିଆରି କରୁଛି ସୂର୍ଯ୍ୟ, ୨୦କୋଟି ଡିଗ୍ରୀର ମହାପ୍ରୟୋଗ, ବିଶ୍ୱରେ ଚହଲ !

**ନୂଆଦିଲ୍ଲୀ :** ପ୍ରଜ୍ଞାର କାର୍ଯ୍ୟ ଏବେ ବିଦ୍ୟୁତ ଉତ୍ପାଦନ କରିବା ନୁହେଁ। ଏହା ଏକ ପ୍ରକାରର ପରୀକ୍ଷଣ ଯନ୍ତ୍ର (ଟେଷ୍ଟ ମେସିନ), ଯାହା ଉପରେ କମ୍ପାନୀ କ୍ରମାଗତ ଭାବରେ ପରୀକ୍ଷାନିରୀକ୍ଷା ଚଳାଇବ। କମ୍ପାନୀ ଏହାକୁ ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ଚଳାଇବାକୁ ଯୋଜନା କରୁଛି। ଏହି ସମୟ ମଧ୍ୟରେ ପ୍ରତିବର୍ଷ ପ୍ରାୟ ୩,୦୦୦ ପ୍ଲାଜମା ଶଟ ନେବାର ଲକ୍ଷ୍ୟ ରଖାଯାଇଛି। ପୃଥିବୀରେ ସୂର୍ଯ୍ୟ ଭଳି ଶକ୍ତି ଉତ୍ପାଦନ କରିବା ପ୍ରୟାସରେ ଭାରତ ଏକ ବଡ଼ ପଦକ୍ଷେପ ଆଗକୁ ବଢ଼ାଇଛି। ବେଙ୍ଗାଲୁରୁର ଷ୍ଟାର୍ଟଅପ 'ପ୍ରନୋସ ଫ୍ୟୁଜନ' ନିଜର ଟୋକାମାକ 'ପ୍ରଜ୍ଞା'ରେ ପ୍ରଥମ ଥର ପାଇଁ ପ୍ଲାଜମା ପ୍ରସ୍ତୁତ କରିବାରେ ସଫଳତା ହାସଲ କରିଛି। ରବକ୍ସଷ.ମକ୍ଟଙ୍କ ରିପୋର୍ଟ ଅନୁସାରେ, ପ୍ରାୟ ୪୦ ସେଣ୍ଟିମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଏହି ଟୋକାମାକକୁ ମାତ୍ର ୮ ମାସ ମଧ୍ୟରେ ପ୍ରସ୍ତୁତ କରାଯାଇଛି। ଏହା ୨୦ କୋଟି ଡିଗ୍ରୀ ସେଣ୍ଟିଗ୍ରେଡ୍ର ଏକ ମହାପରୀକ୍ଷା। ଏହି ସଫଳତା ଭାରତର ଆଣବିକ ସଂଯୋଜନ (ନ୍ୟୁକ୍ଲିୟର ଫ୍ୟୁଜନ) ଗବେଷଣାରେ ଘରୋଇ କ୍ଷେତ୍ରର ବଢୁଥିବା ଭୂମିକାକୁ ଦର୍ଶାଉଛି। ଏବେ ଏହି ଜ୍ଞାନକୌଶଳ ମାଧ୍ୟମରେ ପ୍ଲାଜମାକୁ ନିୟନ୍ତ୍ରଣ କରିବା, ତାର ଯାଞ୍ଚ କରିବା ଏବଂ ଫ୍ୟୁଜନ ଏନର୍ଜି ସହ ଜଡ଼ିତ ପ୍ରଯୁକ୍ତିବିଦ୍ୟାକୁ ବିକଶିତ ତଥା ପରୀକ୍ଷଣ କରିବା ଦିଗରେ କାର୍ଯ୍ୟ କରାଯିବ।

ପ୍ରଜ୍ଞାର କାର୍ଯ୍ୟ ଏବେ ବିଦ୍ୟୁତ ଉତ୍ପାଦନ କରିବା ନୁହେଁ। ଏହା ଏକ ପରୀକ୍ଷଣ ଯନ୍ତ୍ର, ଯାହା ଉପରେ କମ୍ପାନୀ କ୍ରମାଗତ ଭାବରେ ପରୀକ୍ଷା କରିବ। କମ୍ପାନୀ ଏହାକୁ ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ଚଳାଇବାକୁ ଯୋଜନା କରୁଛି। ଏହି ସମୟ ମଧ୍ୟରେ ପ୍ରତିବର୍ଷ ପ୍ରାୟ ୩,୦୦୦ ପ୍ଲାଜମା ଶଟ ନେବାର ଲକ୍ଷ୍ୟ ରହିଛି। ଅର୍ଥାତ ଦୈନିକ ପ୍ରାୟ ୧୦ରୁ ୧୨ ଥର ପ୍ଲାଜମା ତିଆରି କରି ସେଥିରୁ ତଥ୍ୟ (ଡାଟା) ସଂଗ୍ରହ କରାଯିବ। ଏହି ଡାଟା ଭବିଷ୍ୟତରେ ବଡ଼ ଫ୍ୟୁଜନ ରିଆକ୍ଟର ନିର୍ମାଣ କରିବାରେ ସାହାଯ୍ୟ କରିପାରିବ। ପ୍ରଜ୍ଞା ଟୋକାମାକ ପ୍ରଥମେ




ପାତ୍ର (vessel) ଭିତରେ ପ୍ରବଳ ଶୂନ୍ୟସ୍ଥାନ (ଭାକ୍ୟୁମ) ସୃଷ୍ଟି କରେ। ଏହାପରେ ହାଇଡ୍ରୋଜେନ ଆଇସୋଟୋପ, ହାଇଡ୍ରୋଜେନ କିମ୍ବା ଡ୍ୟୁଟେରିୟମକୁ ଚାମ୍ବର ଭିତରକୁ ପ୍ରବେଶ କରାଯାଏ। ଏହାକୁ ସେପର୍ଯ୍ୟନ୍ତ ଉତ୍ତପ୍ତ କରାଯାଏ, ଯେପର୍ଯ୍ୟନ୍ତ ପରମାଣୁଗୁଡ଼ିକ ସେମାନଙ୍କର ଇଲେକ୍ଟ୍ରନ ନ ହରାନ୍ତି। ଏହାଦ୍ୱାରା ଗ୍ୟାସ ବୈଦ୍ୟୁତିକ ଭାବେ ଚାଜ ?ଡ ପ୍ଲାଜମାରେ ପରିଣତ ହୋଇଯାଏ। ଏହି ପ୍ରକ୍ରିୟା ଏକ ସୁପରିଚାଳିତ ମିଲିଟାରୀ କଣ୍ଟ୍ରୋଲ ରୁମ୍ଠାରୁ କୌଣସି ଗୁଣରେ କମ ନୁହେଁ। ଏହି ଚୁମ୍ବକ ଚୀନର ବର୍ଣ୍ଣିଂ ପ୍ଲାଜମା ଏକ୍ସପେରିମେଣ୍ଟାଲ ସୁପରକଣ୍ଡକ୍ଟିଂ ଟୋକାମାକ (BEST)ରେ ବ୍ୟବହୃତ ହେବ, ଯାହାକୁ ପ୍ରାୟତଃ "କୃତ୍ରିମ ସୂର୍ଯ୍ୟ" କୁହାଯାଏ। ଖବର ଅନୁଯାୟୀ, ଚୀନ ୨୦୨୭ ଶେଷ ସୁଦ୍ଧା BEST କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏବଂ ୨୦୩୦ ସୁଦ୍ଧା ଫ୍ୟୁଜନରୁ ବିଦ୍ୟୁତ ଉତ୍ପାଦନ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି।

## ଦୁନିଆର ସବୁଠୁ ଧନୀ ପ୍ରଧାନମନ୍ତ୍ରୀ: ଟ୍ରମ୍ପଙ୍କଠାରୁ ୭ ଗୁଣ ଅଧିକ ଦରମା



**ନୂଆଦିଲ୍ଲୀ :** ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ଦରମା ଏବେ ପୁଣି ବଢ଼ିବାକୁ ଯାଉଛି। ଏହି ବୃଦ୍ଧି ପରେ ସେ ବିଶ୍ୱର ସର୍ବାଧିକ ଦରମା ପାଉଥିବା ସରକାରୀ ମୁଖ୍ୟ ଭାବେ ଆହୁରି ଆଗରେ ରହିବେ। ନୂଆ ବ୍ୟବସ୍ଥା ଅନୁଯାୟୀ, ୱଙ୍ଗଙ୍କ ବାର୍ଷିକ ଦରମାରେ ପ୍ରାୟ ୬୪% ବୃଦ୍ଧି ହେବ। ଅକ୍ଟୋବର ୧୫ରୁ ଏହି ଦରମା ସଂଶୋଧନ ଲାଗୁ ହେବ। ବର୍ତ୍ତମାନ ୱଙ୍ଗଙ୍କ ବାର୍ଷିକ ଦରମା ପ୍ରାୟ ୨.୨ ମିଲିୟନ ସିଙ୍ଗାପୁର ଡଲାର ଥିବାବେଳେ ଏହା ବଢ଼ି ୩.୬ ମିଲିୟନ ସିଙ୍ଗାପୁର ଡଲାର ହେବ। ଏହାର ମୂଲ୍ୟ ପ୍ରାୟ ୨୬.୯ କୋଟି ଟଙ୍କା ବୋଲି କୁହାଯାଉଛି। ଦରମା ବୃଦ୍ଧି ପରେ ଲରେନ୍ସ ୱଙ୍ଗଙ୍କ ବାର୍ଷିକ ଦରମା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାର୍ଷିକ ୪ ଲକ୍ଷ ଡଲାର ଦରମାର ପ୍ରାୟ ୭ ଗୁଣ ହୋଇଯିବ। ଦରମା ବଢ଼ିବା ପୂର୍ବରୁ ମଧ୍ୟ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ବିଶ୍ୱର ସର୍ବାଧିକ ଦରମା ପାଉଥିବା ନେତା ଥିଲେ। କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ସିଙ୍ଗାପୁରରେ ଡେପୁଟି ପ୍ରଧାନମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀଙ୍କ ଦରମା ମଧ୍ୟ ବଢ଼ିବ। ଡେପୁଟି ପ୍ରଧାନମନ୍ତ୍ରୀଙ୍କ ବାର୍ଷିକ ଦରମା ୧.୮୭ ମିଲିୟନରୁ ବଢ଼ି ୩.୦୬ ମିଲିୟନ ସିଙ୍ଗାପୁର ଡଲାର ହେବ। ସେହିପରି, କ୍ୟାବିନେଟ ମନ୍ତ୍ରୀଙ୍କ ଦରମା ସେମାନଙ୍କ ଦାୟିତ୍ୱ ଅନୁଯାୟୀ ୧.୮୦ ମିଲିୟନରୁ ୨.୮୮ ମିଲିୟନ ସିଙ୍ଗାପୁର ଡଲାର ପର୍ଯ୍ୟନ୍ତ ହେବ। ଦରମା ବୃଦ୍ଧିକୁ ନେଇ ନିଜେ ମଧ୍ୟ ମତ ରଖିଛନ୍ତି ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ। ସେ କହିଛନ୍ତି ଯେ, ତାଙ୍କ କାର୍ଯ୍ୟକାଳ ସମୟରେ ବଢ଼ିଥିବା ଦରମାର ସମ୍ପୂର୍ଣ୍ଣ ଅର୍ଥ ଭଲ କାମ ଓ ଦାନ ପାଇଁ ଦେଇଦେବେ।

ୱଙ୍ଗ କହିଛନ୍ତି, ନେତାମାନଙ୍କ ଦରମା ଏକ ସମ୍ବେଦନଶୀଳ ଓ ଭାବପ୍ରବଣ ପ୍ରସଙ୍ଗ। ଏହି ରାଶି ସାଧାରଣ ନାଗରିକଙ୍କ ଆୟ ତୁଳନାରେ ଅଧିକ ହୋଇଥିବାରୁ ଲୋକେ ଏହାକୁ ନେଇ ପ୍ରଶ୍ନ ଉଠାଇବା ସ୍ୱାଭାବିକ ବୋଲି ସେ ସ୍ୱୀକାର କରିଛନ୍ତି। ସିଙ୍ଗାପୁର ସରକାରଙ୍କ ଯୁକ୍ତି ହେଉଛି, ଉଚ୍ଚ ଦରମା ଦେଲେ ଦକ୍ଷ ଓ ପ୍ରତିଭାବାନ ବ୍ୟକ୍ତିମାନେ ରାଜନୀତିକୁ ଆସିବାକୁ ଉତ୍ସାହିତ ହେବେ ଏବଂ ଭଲ ଶାସନରେ ସହାୟତା ମିଳିବ। ଏକ ସ୍ୱାଧୀନ କମିଟିର ସୁପାରିସ ପରେ ଏହି ଦରମା ବୃଦ୍ଧି ନିଷ୍ପତ୍ତି ନିଆଯାଇଛି। ସିଙ୍ଗାପୁରରେ ଶେଷ ଥର ପାଇଁ ପ୍ରାୟ ୧୫ ବର୍ଷ ପୂର୍ବେ ମନ୍ତ୍ରୀମାନଙ୍କ ଦରମାରେ ପରିବର୍ତ୍ତନ କରାଯାଇଥିଲା। ତେବେ ବର୍ତ୍ତମାନର ମନ୍ତ୍ରୀମାନେ ତୁରନ୍ତ ସମ୍ପୂର୍ଣ୍ଣ ବର୍ଦ୍ଧିତ ଦରମା ପାଇବେ ନାହିଁ। ପ୍ରାରମ୍ଭରେ ବ୍ୟକ୍ତିଗତ ପରିସ୍ଥିତି ଓ ପ୍ରଦର୍ଶନ ଆଧାରରେ ସର୍ବାଧିକ ୯ ପ୍ରତିଶତ ପର୍ଯ୍ୟନ୍ତ ଏକକାଳୀନ ସମନ୍ୱୟ କରାଯିବ। ତଥ୍ୟ ଅନୁଯାୟୀ, ଦରମା ବୃଦ୍ଧି ପୂର୍ବରୁ ମଧ୍ୟ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ବିଶ୍ୱର ସର୍ବାଧିକ ଦରମା ପାଉଥିବା ନେତା ଥିଲେ। ଏହି ତାଲିକାରେ ହଂକଂର ମୁଖ୍ୟ ନେତା ପ୍ରାୟ ୭.୧୯ ଲକ୍ଷ ଡଲାର ବାର୍ଷିକ ଦରମା ସହ ଦ୍ୱିତୀୟ ଏବଂ ସ୍ୱିଜରଲ୍ୟାଣ୍ଡର ରାଷ୍ଟ୍ରପତି ପ୍ରାୟ ୬.୦୬ ଲକ୍ଷ ଡଲାର ସହ ତୃତୀୟ ସ୍ଥାନରେ ରହିଛନ୍ତି।

# ଜୟଦେବ ଭବନ ନିକଟରେ ଏଡିଟର୍ସ ଅଫ୍ ଡିଜିଟାଲ ମିଡିଆ ଆସୋସିଏସନର ଗଣେଶ ପୂଜା




**ଭୁବନେଶ୍ୱର:** ଜୟଦେବ ଭବନ ନିକଟସ୍ଥ ପରିସରରେ ଏଡିଟର୍ସ ଅଫ୍ ଡିଜିଟାଲ ମିଡିଆ ଆସୋସିଏସନ୍ ପକ୍ଷରୁ ଶ୍ରୀଗଣେଶ ପୂଜା ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଛି। ଏହି ଅବସରରେ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା।

ପୂଜା କାର୍ଯ୍ୟକ୍ରମକୁ ସଫଳ କରିବାରେ ଦେବବ୍ରତ ମହାନ୍ତିଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଆୟୋଜନର ବିଭିନ୍ନ ବ୍ୟବସ୍ଥାରେ ତାଙ୍କ ସକ୍ରିୟ ସହଯୋଗ ଓ ଯୋଗଦାନ ପାଇଁ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା।

ଏହି ପୂଜାରେ ଆସୋସିଏସନ୍ର ସଦସ୍ୟ, ସାମ୍ବାଦିକ, ଡିଜିଟାଲ ମିଡିଆ ପ୍ରତିନିଧି ଓ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ। ପୂଜା ଅବସରରେ ଉପସ୍ଥିତ ଭକ୍ତ ଓ ଅତିଥିମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ସମାଜରେ ଶାନ୍ତି, ସଦ୍ଭାବନା ଓ ସମୃଦ୍ଧି ବଜାୟ ରହିବା ସହ ଡିଜିଟାଲ ମିଡିଆ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତଙ୍କ ସଫଳତା ପାଇଁ ପ୍ରଭୁ ଶ୍ରୀଗଣେଶଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ପୂଜାକୁ ସଫଳ କରିବାରେ ଏଡିଟର୍ସ ଅଫ ଡିଜିଟାଲ ମିଡିଆ ଆସୋସିଏସନ୍ ର ସମସ୍ତ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଥିଲା।

# ଶୁଣିଲାନି ପ୍ରଶାସନ, ନିଜେ ତିଆରି କଲେ ରାସ୍ତା



ଯୀଶୁଙ୍କ ପାଖରେ ନିଷ୍ପତି ନେଲେ, ନିଜ ଗାଁ ରାସ୍ତା ନିଜେ ନିର୍ମାଣ କଲେ । ଗଜପତି ଜିଲ୍ଲା ଆର୍ ଉଦୟଗିରି ବ୍ଲକ୍ ଗାଣ୍ଡୁପଦର ଗାଁରୁ ଆସିଛି ଏହି ଚିତ୍ର । ଗାଣ୍ଡୁପଦର ଗାଁରୁ ନିଜ ପଞ୍ଚାୟତକୁ ଯିବାକୁ ହେଲେ ପାଖା ପାଖି ୧୪ କିଲୋ ମିଟର ଦୂର ପଡୁଛି । ହେଲେ ଗାଁ କୁ ଯାତାୟତ ପାଇଁ ଯାନବାହନର କୌଣସି ସୁବିଧା ନଥିବା ହେତୁ ଅନ୍ୟ ଏକ ରାସ୍ତା ଗାଁ ଲୋକଙ୍କ ପାଇଁ ପାଲଟିଛି ଶାହା ଭରସା । ଫଳରେ ସେହି ରାସ୍ତା ଦେଇ ଦୈନନ୍ଦିନ ବଜାରଘାଟ ସହ ନିଜ ପଞ୍ଚାୟତକୁ ଯିବାକୁ ପଡୁଛି । ଗାଁରେ ୧୮ ପରିବାର ବସବାସ କରୁଥିବା ବେଳେ ଏହି ପାହାଡ଼ିଆ ପଥୁରିଆ ରାସ୍ତା ନିର୍ମାଣ କରିବା ପାଇଁ ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରସାଶନ ପାଖରେ ଅଭିଯୋଗ କରିଥିଲେ ମଧ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ । ଶେଷରେ ବାଧ ହୋଇ ଆଜି ଗାଁର ମହିଳା ଓ ପୁରୁଷ ଏକତ୍ରିତ ହୋଇ କୋଡ଼ି କୋଦାଳ ଧରି ନିଜ ଗାଁ ରାସ୍ତାକୁ ନିଜେ ମରାମତି କରୁଛନ୍ତି ।

## ● ନେରେଡ଼ି ପ୍ରକଳ୍ପ ବିରୋଧ

# ଜମି ହସ୍ତାନ୍ତର ବନ୍ଦ ଦାବିରେ ନୀରବ ସତ୍ୟାଗ୍ରହ



ପାରଳାଖେମୁଣ୍ଡି: ବଂଶଧାରା ନଦୀ ଉପରେ ଆନ୍ଧ୍ରପ୍ରଦେଶର ପ୍ରସ୍ତାବିତ ନେରେଡ଼ି ବ୍ୟାରେଜ୍ ପାଇଁ ଓଡ଼ିଶାର ୧୦୬ ଏକର ସରକାରୀ ଜମି ହସ୍ତାନ୍ତରକୁ ନେଇ ବିରୋଧ ତୀବ୍ର ହେଉଛି। ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ବଂଶଧାରା ବଞ୍ଚାଅ, ଓଡ଼ିଶା ବଞ୍ଚାଅ' ସ୍ଲୋଗାନ୍ ଦେଇ ନୀରବ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ଶତାଧିକ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନର ପ୍ରତିନିଧି ଏବଂ ସାରା ଓ ବାଡ଼ିଗାଁ ବୁଡ଼ି ଅଞ୍ଚଳବାସୀ ଏଥିରେ ସାମିଲ ହୋଇଥିଲେ। ସାମ୍ବିଧାନିକ ଓ ଆଇନଗତ ସୁରକ୍ଷା ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଜମି ହସ୍ତାନ୍ତର ଓ ଯାଞ୍ଚ ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଛି। ନେରେଡ଼ି ବ୍ୟାରେଜ୍ ନିର୍ମାଣ ହେଲେ ବଂଶଧାରାର ତଳମୁଣ୍ଡ ଅଞ୍ଚଳରେ ଜଳପ୍ରବାହ ହ୍ରାସ, ପଛୁଆ ଜଳ ପ୍ରବାହ, ଜଳବନ୍ଦି ଓ ବନ୍ୟା ଭଳି ସମସ୍ୟା ସୃଷ୍ଟି ହୋଇପାରେ। ବୁଡ଼ି ଅଞ୍ଚଳ ଓ କାଶୀନଗରରେ ଜଳପ୍ରବାହ କମିଲେ ବାଲୁକାମୟ ଅଞ୍ଚଳ ବଢ଼ିବା ସହ ଗୁଣପୁର ଓ ଗୁଡ଼ାରୀରେ ବନ୍ୟା ଆଶଙ୍କା ବଢ଼ିପାରେ ବୋଲି କୁହାଯାଇଛି। ମହାମଞ୍ଚ ସଦସ୍ୟ ପ୍ରଦୀପ କୁମାର ସାହୁ ୧୯୮୦ ବନ୍ୟାର ଉଦାହରଣ ଦେଇ ନେରେଡ଼ି ବ୍ୟାରେଜ୍ ହେଲେ ଗୁଣପୁର ଓ ଗୁଡ଼ାରୀ ଅଞ୍ଚଳରେ ବନ୍ୟା ଏବଂ ତଳିଅଞ୍ଚଳରେ ଜଳାଭାବ, ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ମତ ରଖିଥିଲେ। ଜମି ଯାଞ୍ଚ ପ୍ରକ୍ରିୟା ବନ୍ଦ, ପ୍ରକଳ୍ପର ସମ୍ପୂର୍ଣ୍ଣ ନକ୍ସା ସାର୍ବଜନୀନ, ସ୍ୱାଧୀନ ବୈଷୟିକ ଅନୁଧ୍ୟାନ, ଜଳବନ୍ଦି ସମ୍ଭାବନାର ମୂଲ୍ୟାଙ୍କନ, ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଲିଖିତ ପ୍ରତିଶ୍ରୁତି ଏବଂ ଓଡ଼ିଶାର ଜଳ ଅଧିକାର ସ୍ପଷ୍ଟ କରିବାକୁ ମଞ୍ଚ ଦାବି କରିଛି। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଭାରତ ଭୂଷଣ ମହାନ୍ତି, ବିନୋଦ ଜେନା, ପ୍ରମୋଦ ପାଢ଼ୀ, ମୁରଲୀଧର ପରିଛା, ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ ସମେତ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ଯୋଗ ଦେଇ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

# କୀଟ୍ ଛାତ୍ରଛାତ୍ରୀଙ୍କ ପାଇଁ ଆମେରିକାର ନୂଆ ଶିକ୍ଷା ସହଯୋଗ

**ଭୁବନେଶ୍ୱର:** କୀଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଇଂରାଜୀ ଭାଷା ଦକ୍ଷତା, ଯୋଗାଯୋଗ କୌଶଳ ଏବଂ ଗବେଷଣା କ୍ଷମତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ଇଂଲିଶ୍ ଆକ୍ସେସ୍ ସ୍କଲାରସିପ୍ ପ୍ରୋଗ୍ରାମ୍'ର ଶୁଭାରମ୍ଭ ହୋଇଛି। ହାଇଦ୍ରାବାଦସ୍ଥିତ ଆମେରିକୀୟ କନସୁଲେଟ୍ ଜେନେରାଲ୍ଙ୍କ ସହଯୋଗ ଏବଂ ଭାରତସ୍ଥିତ ଆମେରିକୀୟ ମିଶନର ରିଜିଓନାଲ୍ ଇଂଲିଶ୍ ଲାଙ୍ଗୁଏଜ୍ ଅଫିସ୍ (RELO)ର ସହାୟତାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ କୀଟ୍ ବିଶ୍ୱବିଦ୍ୟାଳୟ ଓ କିସ୍ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରଫେସର (ଡ.) ଅଚ୍ୟୁତ



ସାମନ୍ତଙ୍କ ଉପସ୍ଥିତିରେ ଆମେରିକୀୟ କନସୁଲେଟର ପ୍ରତିନିଧି ଦଳକୁ କୀଟ୍ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସହଯୋଗକୁ ଏକ ଗର୍ବ ଓ ସମ୍ମାନର ବିଷୟ ବୋଲି କୀଟ୍ ପକ୍ଷରୁ କୁହାଯାଇଛି।

ଏକ ବର୍ଷିଆ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ (STEM) ବିଭାଗର ଛାତ୍ରଛାତ୍ରୀମାନେ ଆମେରିକୀୟ ମାନକ ଅନୁଯାୟୀ ଇଂରାଜୀ ଯୋଗାଯୋଗ ଦକ୍ଷତା ସହିତ ଗବେଷଣା ଓ ଏକାଡେମିକ୍ କୌଶଳ ବିକାଶର ସୁଯୋଗ ପାଇବେ। ଏହା ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା, ଗବେଷଣା ଓ ନେଟୱର୍କିଂ କ୍ଷେତ୍ରରେ ନୂଆ ସୁଯୋଗ ଦେବ ବୋଲି ଆଶା କରାଯାଉଛି।

କୀଟ୍ ଓ ଭାରତସ୍ଥିତ ଆମେରିକୀୟ ମିଶନ୍ ମଧ୍ୟରେ ଦୀର୍ଘଦିନର ସହଯୋଗୀ ସମ୍ପର୍କକୁ ଏହି କାର୍ଯ୍ୟକ୍ରମ ଆହୁରି ମଜବୁତ କରିବ। ଏହି ପଦକ୍ଷେପକୁ ସମର୍ଥନ କରିଥିବାରୁ ଆମେରିକୀୟ କନସୁଲେଟ୍ ଜେନେରାଲ୍ ଏବଂ RELOକୁ କୀଟ୍ ପକ୍ଷରୁ କୃତଜ୍ଞତା ଜଣାଯାଇଛି। କାର୍ଯ୍ୟକ୍ରମରେ ସାମିଲ ହେବାକୁ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମଧ ଶୁଭେଚ୍ଛା ଜଣାଯାଇଛି।

## ୩ ସାଂସଦଙ୍କ ଚିଠିରେ ସରକାରୀ କାମକୁ ନେଇ ପ୍ରଶ୍ନ

# ବିକାଶ ପ୍ରକଳ୍ପରେ ଅବ୍ୟବସ୍ଥା ଅଭିଯୋଗ

**ଭୁବନେଶ୍ୱର :** ସରକାରୀ କାମରେ ବଡ଼ ଗଡ଼ବଡ଼ର ଅଭିଯୋଗ। ଚିଠି ଲେଖି ଅସନ୍ତୋଷ ଝାଡ଼ିଲେ ତିନି ସାଂସଦ । ସଙ୍ଗୀତା ସିଂଦେଓଙ୍କ ଚିଠି ... ବଳଭଦ୍ର ମାଝୀଙ୍କ ଚିଠି ... ପ୍ରଦୀପ ପାଣିଗ୍ରାହୀଙ୍କ ଚିଠି । ତେବେ ଚିଠିରେ କେଉଁ ସାଂସଦ କଣ ଅଭିଯୋଗ କରିଛନ୍ତି ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ୬୮୦ କୋଟି ଟଙ୍କାର ସମ୍ବଲପୁର-ସୋନପୁର ରାସ୍ତା ପ୍ରକଳ୍ପକୁ ନେଇ ଉଠାଇଛନ୍ତି ପ୍ରଶ୍ନ। ରାସ୍ତା ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାମରେ ଆଖିଦୃଶିଆ ଅଗ୍ରଗତି ନଥିବା ଦର୍ଶାଇଛନ୍ତି। କାମ ଠିକ୍ ଭାବେ ତଦାରଖ ପାଇଁ କାର୍ଯ୍ୟକାରୀ ସଂସ୍ଥା ବଦଳାଇ ସୋନପୁର ଆରଆଣ୍ଡବି ଡିଭିଜନ୍କୁ ଦାୟିତ୍ୱ ଦେବାକୁ କହିଛନ୍ତି।

ଏବେ ଦେଖନ୍ତୁ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ଚିଠି। ନବରଙ୍ଗପୁର ବାଇପାସ୍ କାମର ବିଳମ୍ବକୁ ନେଇ ଅସନ୍ତୋଷ ଝାଡିଛନ୍ତି। ୨୦୨୪ ଡିସେମ୍ବରରେ ଠିକା ଦିଆଯାଇଥିଲା, ୨୪ ମାସରେ କାମ ଶେଷ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୨୧ ମାସ ପରେ ବି କାମର ଅଗ୍ରଗତି ପ୍ରାୟ ୧୦ ପ୍ରତିଶତ! ବିଳମ୍ବର କାରଣ ତଦନ୍ତ କରିବା ସହ ଦାୟୀ ସଂସ୍ଥା ଓ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ବି ସମାନ ଅଭିଯୋଗ...। ଗେଟ୍ ବଜାର ଫ୍ଲାଏଓଭର ନିର୍ମାଣ ସାମଗ୍ରୀର ମାନକୁ ନେଇ ଉଠାଇଛନ୍ତି ପ୍ରଶ୍ନ।



ସ୍ଥାନୀୟ ଲୋକ, ଯାତାୟାତକାରୀ ଓ ବିଭିନ୍ନ ସଂଗଠନର ଅଭିଯୋଗ ଆଧାରରେ ନିମ୍ନମାନର ସାମଗ୍ରୀ ବ୍ୟବହାର ନେଇ ସନ୍ଦେହ କରିଛନ୍ତି। ନିର୍ମାଣ ସାମଗ୍ରୀ, ଷ୍ଟ୍ରକ୍ଚରାଲ୍ ଡିଜାଇନ୍ ଓ ସୁରକ୍ଷା ମାନ ଯାଞ୍ଚ ପାଇଁ ସ୍ୱାଧୀନ ବୈଷୟିକ ଅଡିଟ୍ ଦାବି କରିଛନ୍ତି ସାଂସଦ । ଅଭିଯୋଗର ଚିଠି ବାବଦରେ ପ୍ରଶ୍ନ କରିବାରୁ ନୋ କମେଣ୍ଟସ କହି ଚାଲିଯାଇଛନ୍ତି। ବିରୋଧୀ ଦଳ ପ୍ରଶ୍ନ ଉଠାଇଲେ ଅଲଗା କଥା। କିନ୍ତୁ ଏଠି ପ୍ରଶ୍ନ ଉଠାଉଛନ୍ତି ଖୋଦ ଶାସକ ଦଳର ସାଂସଦ। ଏବେ ପ୍ରଶ୍ନ ଉଠୁଛି ସରକାର ନିଜକୁ ବିକାଶର ସରକାର ବୋଲି ଦାବି କରୁଥିବା ବେଳେ ସରକାରଙ୍କ ସାଂସଦମାନେ ନିଜ ଅଞ୍ଚଳର ବିକାଶ କାମକୁ ନେଇ କାହିଁକି ଅଭିଯୋଗ କରୁଛନ୍ତି ? ପ୍ରକଳ୍ପ କାମ ଧିମା ପଡିଯାଉଛି ସଠିକ ସମୟରେ କାମ ସରୁନି।

ଯଦି ନିର୍ମାଣ ସାମଗ୍ରୀର ମାନକୁ ନେଇ ସାଂସଦଙ୍କ ପାଖକୁ ଅଭିଯୋଗ ଆସୁଛି, ସାଂସଦଙ୍କର ହିଁ କାମ ଉପରେ ଭରସା ପାଉନି। ତେବେ ତଦାରଖ ବ୍ୟବସ୍ଥା କେଉଁଠି ହେଉଛି । ବିରୋଧୀଙ୍କ ଦାବି ନିମ୍ନମାନର କାମକୁ ନେଇ ଆସୁଥିବା ଅଭିଯୋଗ ସତ କି ମିଛ ତାହା ଜାଣିବା ପାଇଁ ହିଁ ସରକାର ତୁରନ୍ତ ଏକ ବୈଷୟିକ କମିଟି ଗଠନ କରନ୍ତୁ । ରାସ୍ତା କାମର ଯାଞ୍ଚ କରନ୍ତୁ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ସରକାରଙ୍କ ପାଖକୁ ଆସୁଥିବା ସମସ୍ତ ଅଭିଯୋଗ ସରକାର ଶୁଣୁଛନ୍ତି । ନିଜ ସରକାରର ବିକାଶ କାମକୁ ନେଇ ନିଜ ଦଳର ସାଂସଦଙ୍କ ଏଭଳି ଅଭିଯୋଗ ସରକାର ପାଇଁ ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ। ଏବେ ନଜର ସାଂସଦଙ୍କ ଚିଠି ଉପରେ ସରକାର କେତେ ଗୁରୁତ୍ୱ ଦେଉଛନ୍ତି ତଦନ୍ତ ହେଉଛି କି ନାହିଁ ଏବଂ ଦାୟୀ ସଂସ୍ଥା ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେଉଛି ?

# ଯାଜପୁର ମେଡିକାଲରେ ରୋଗୀ ବଢୁଛନ୍ତି କିନ୍ତୁ ସେବା ବଢୁନି

**ଯାଜପୁର:** ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଛି। ଆଶା ଥିଲା, ଯାଜପୁରବାସୀଙ୍କୁ ନିଜ ଜିଲ୍ଲାରେ ଉନ୍ନତମାନର ଚିକିତ୍ସା ସେବା ମିଳିବ। ହେଲେ ମହାରାଜା ଯଯାତିକେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏଯାଏଁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନପାରିବାରୁ ସେହି ଆଶା ମଉଳିବାରେ ଲାଗିଛି। ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଥିଲେ ମଧ ରୋଗୀ ଆଡମିସନ୍ ବ୍ୟବସ୍ଥା ଠିକ୍ ଭାବେ ହୋଇନାହିଁ। ଫଳରେ ଚିକିତ୍ସା ସେବା ସହ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ୍ ଶିକ୍ଷା ପ୍ରଭାବିତ ହେଉଛି। ଆବଶ୍ୟକ ଡାକ୍ତର ଓ ଚିକିତ୍ସା ସୁବିଧା ଅଭାବରୁ ଗୁରୁତର ରୋଗୀଙ୍କୁ ଏବେ ବି କଟକ କିମ୍ବା ଭୁବନେଶ୍ୱର ଯିବାକୁ ପଡୁଛି। ବର୍ତ୍ତମାନ ଭେଷଜ (ମେଡିସିନ୍), ଚର୍ମ (ସ୍କିନ୍ ଆଣ୍ଡ ଭିଡି), ମାନସିକ ରୋଗ (ସାଇକିଆଟ୍ରିକ୍) ଓ ଶଲ୍ୟ (ସର୍ଜରି) ଚିକିତ୍ସା ବିଭାଗର ଓପିଡି ଚାଲୁଛି। ଅସ୍ଥିଶଲ୍ୟ ବିଭାଗରେ କେବଳ ଓଟି ସେବା ଉପଲବ୍ଧ। ଅନ୍ୟ ବିଭାଗଗୁଡ଼ିକରେ ଅଦ୍ୟାବଧି ଆଉଟ୍ଡୋର ସେବା ଆରମ୍ଭ ହୋଇ ପାରିନାହିଁ। କାଜୁଆଲିଟି, ଏମ୍ଆରଆଇ, ଡିଜିଟାଲ ଏକ୍ସ-ରେ, ରକ୍ତଭଣ୍ଡାର, ହାଇ ଆଣ୍ଡ ପାଥୋଲାବ୍ ଓ ନିଦାନ ବିଭାଗ ମଧ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ନୂଆ ମେଡିକାଲ କଲେଜ ପରିସରରେ ସମସ୍ତ ବିଭାଗ ଚାଲିବା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ରହିଥିଲେ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ମଧ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଚାଲୁଛି। ଦୈନିକ ୨୫୦୦ରୁ ଅଧିକ ରୋଗୀ ନିର୍ଭର କରୁଥିବା ଯାଜପୁର ଭଳି ଜିଲ୍ଲାରେ ମେଡିକାଲ କଲେଜର ଏଭଳି ଅଧାନ୍ତରିଆ ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମେଡିକାଲ କଲେଜରେ ପ୍ରଥମ ଓ ଦ୍ୱିତୀୟ ବର୍ଷକୁ ମିଶାଇ ଏବେ ମୋଟ ୧୦୦ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨୧ଟି ବିଭାଗ ପାଇଁ ମଞ୍ଜୁରିପ୍ରାପ୍ତ ୧୫୭ଟି ଫାକଲ୍ଟି ପଦ ମଧ୍ୟରୁ ୫ଟି ପ୍ରଫେସର, ୨୭ଟି ଆସୋସିଏଟ୍ ? ପ୍ରଫେସର, ୮ଟି ଆସିଷ୍ଟାଣ୍ଟ ପ୍ରଫେସର, ୨୬ଟି ସିନିୟର ରେସିଡେଣ୍ଟ ଓ ୩ଟି ଟ୍ୟୁଟର ପଦ ଖାଲି ପଡ଼ିଛି।

# ଅଗ୍ନି ନିରାପତ୍ତା ନଥିଲେ ଗଣିବେ ଡଣ୍ଡ



**ଭୁବନେଶ୍ୱର :** ରାଜ୍ୟରେ ଅସୁରକ୍ଷିତ ବାଣିଜ୍ୟିକ ପ୍ରତିଷ୍ଠାନ ! ଅଗ୍ନିଶମ ବିଭାଗର ମାରାଥନ୍ ଯାଞ୍ଚ । ଡାକ୍ତରଖାନା ପାଇଁ 'ଆକ୍ସନ୍ ଅନ୍ ଦି ସ୍ପଟ୍' । ନିୟମ ଉଲ୍ଲଂଘନ କଲେ ନୋଟିସ୍। ଦିଲ୍ଲୀ ଅଗ୍ନିକାଣ୍ଡ ପରେ ଓଡ଼ିଶାରେ ତତ୍ପର ହୋଇଛି ଅଗ୍ନିଶମ ବାହିନୀ। ପ୍ରମାଣପତ୍ର ମିଳିବା ପରେ ନିୟମ ଠିକ୍ ଭାବେ ପାଳନ ହେଉଛି କି ନାହିଁ, ତାହା ତନତନ କରି ଯାଞ୍ଚ କରୁଛି ଟିମ୍। ଭୁବନେଶ୍ୱରର ବଡ଼ ବଡ଼ ସପିଂ ମଲରେ ପଶି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଅଗ୍ନିଶମ ପ୍ରମାଣପତ୍ର ପାଇଥିବା ସମୟରେ, ଯେଉଁ ସବୁ ସୁବିଧା ଉପଲବ୍ଧ ରହିବା କଥା, ସେସବୁ ଅଛି ନା ନାହିଁ ତାର କଡ଼ାକଡ଼ି ଯାଞ୍ଚ କରାଯାଇଛି। ନିୟମ ଉଲ୍ଲଘଂନକାରୀଙ୍କୁ ସଚେତନ କରାଯିବ।

ଚେତାବନୀ ଦେବା ସହ ନୋଟିସ ଜାରି ହେବ। ଯଦି ଏହା ଡାକ୍ତରଖାନା ହୋଇଥିବ, ଆଉ ନିୟମର ଉଲ୍ଲଘଂନ ନଜରକୁ ଆସେ, ତାହେଲେ 'ଆକ୍ସନ ଅନ ଦ ସ୍ପଟ' ବୋଲି କହିଛନ୍ତି ଚିଫ୍ ଫାୟାର ଅଫିସର । କଟକରେ ବି ସରକାରୀ ବେସରକାରୀ, ବ୍ୟବସାୟୀ ପ୍ରତିଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥାର ସୁରକ୍ଷା ଯାଞ୍ଚ କରାଯାଇଛି। ମଲ୍ର ୱାଟର ସ୍ପ୍ରେ, ସାଇରନ୍, ୱାଟର ସ୍ପିଙ୍କଲର, କଣ୍ଟ୍ରୋଲ ରୁମ୍ ଆଦି ବିଭିନ୍ନ ଦିଗକୁ ନେଇ ତନଖି କରାଯାଇଛି। ପୁରୁଣା କୋଠା ଗୁଡିକର ଅଗ୍ନି ନିର୍ବାପକ ବ୍ୟବସ୍ଥାରେ କିପରି ସୁଧାର ଅଣାଯିବ ଓ ସେମାନେ କିପରି ଅଗ୍ନିଶମ ସାର୍ଟିଫିକେଟ ପାଇଁ ଆବେଦନ କରିବେ ସେନେଇ ମଧ କରାଯାଇଛି ସଚେତନ ।

ଅନୁଗୋଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ମଲ୍ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଟିକିନିଖି ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ଅନେକ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଥିବା ଦେଖିବାକୁ ମିଳିଛି । ରାଜ୍ୟରେ ଏବେ ୮୨୪ଟି ବାଣିଜ୍ୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ଅସୁରକ୍ଷିତ ଥିବା କୁହାଯାଉଛି। ସ୍ଥିତି ଏପରି ଯେ, ଥରେ ନିଆଁ ଲାଗିଲେ ତାହା ଲିଭାଇବା କେବଳ ଭଗବାନଙ୍କ ହାତରେ। ୨୦୨୬ ସୁଦ୍ଧା ଅଗ୍ନିଶମ ବିଭାଗ ଏଭଳି ୮୨୪ଟି କୋଠାର ତାଲିକା ପ୍ରସ୍ତୁତ କରିଥିବାବେଳେ, ଅଧିକ ଅସୁରକ୍ଷିତ କୋଠା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ।

## ବିଦେଶ ଚାକିରି ଛାଡ଼ି

# କନ୍ଧମାଳରେ ସ୍ୱାବଲମ୍ବୀ ସୂରଜଙ୍କ




ବିଦେଶ ଚାକିରି ଛାଡ଼ି ଭିଟାମାଟିରେ ସ୍ୱାବଲମ୍ବୀ । କୁକୁଡ଼ା ଫାର୍ମରୁ ମାସକୁ କରୁଛନ୍ତି ଲକ୍ଷାଧିକ ଟଙ୍କାର ଆୟ । କନ୍ଧମାଳ ଖଜୁରିପଡା ବ୍ଲକ ସୁତୁକୁମ୍ପା ବାଡିଗୁଡା ଗାଁର ସୂରଜ କୁମାର କହଁର । ନିଜେ କରିଛନ୍ତି କୁକୁଡ଼ା ଫାର୍ମ। ଫୁଲବାଣୀ କଲେଜରୁ +୨ ପାଠପଢା ପରେ ୨୦୧୩ ମସିହାରେ ବଲାଙ୍ଗୀରରେ ହୋଟେଲ ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରିଥିଲେ। ପରେ ଆଇଟିଡିଏ ପକ୍ଷରୁ କଲିକତାରେ ଛଅ ମାସିଆ ହସ୍ପିଟାଲିଟି ମ୍ୟାନେଜମେଣ୍ଟ ପ୍ରଶିକ୍ଷଣ ନେଇଥିଲେ। ବିଭିନ୍ନ ପ୍ରତିଷ୍ଠିତ ହୋଟେଲରେ କାମ କରିବା ପରେ ନିଜ ଦକ୍ଷତା ବଳରେ ୨୦୧୯ରେ କାତାର ଯିବାର ସୁଯୋଗ ପାଇଥିଲେ।

ସେଠାରେ ଏକ ହୋଟେଲରେ ସୁପରଭାଇଜର ଭାବେ କାମ କରି ମାସକୁ ଏକ ଲକ୍ଷ ଟଙ୍କା ଦରମା ପାଉଥିଲେ। ତେବେ ମୋଟା ଦରମା ଓ ଚାକଚକ୍ୟ ଜୀବନ ତାଙ୍କୁ ଅଟକାଇ ପାରିଲା ନାହିଁ। ନିଜ ଜନ୍ମମାଟି, ବାପା ମାଆ ଓ ଭାଇ ଭଉଣୀଙ୍କ ସ୍ନେହ ତାଙ୍କୁ ଟାଣି ଆଣିଥିଲା ଗାଁକୁ। ୨୦୨୪ ଡିସେମ୍ବରରେ ସେ ବିଦେଶ ଚାକିରି ଛାଡି ଗାଁକୁ ଫେରିଥିଲେ। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେବାର ଲକ୍ଷ୍ୟ ନେଇ ନିଜସ୍ୱ ପୁଞ୍ଜିରେ ଆରମ୍ଭ କରିଥିଲେ ଛତୁ ଚାଷ। ହେଲେ ଏଥିରେ ସଫଳତା ମିଳିଲା ନାହିଁ। କିନ୍ତୁ ବିଫଳତାରେ ଭାଙ୍ଗି ପଡିନଥିଲେ ସୂରଜ। ନୂଆ ଆଶା ଓ ନୂଆ ଉଦ୍ୟମ ନେଇ ଆରମ୍ଭ କଲେ କୁକୁଡା ଫାର୍ମ। ବ୍ରଏଲର, ଗାଉଁଲି ଦେଶୀ ଓ ସୋନାଲି, କାବେରୀ ପ୍ରଜାତିର କୁକୁଡା ଚାଷ କରି ଏବେ ଲାଭବାନ ହେବା ସହ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛନ୍ତି। ସୂରଜଙ୍କ ଉଦ୍ୟମ ଓ ସଫଳତା ଏବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ତାଙ୍କୁ ସାମିଲ କରାଯାଇଛି। ଡିପ ଲିଟର ପଦ୍ଧତିରେ ୨ ହଜାର କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡା ପାଳନ ପାଇଁ ଖଜୁରିପଡା ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ୪ ଲକ୍ଷ ୩୨ ହଜାର ଟଙ୍କା ଏବଂ ଆଇ.ଟି.ଡି.ଏ ପକ୍ଷରୁ ୫୦ ହଜାର ଟଙ୍କା ଅନୁମୋଦନ ରାଶି ଦିଆଯାଇଛି। ଏହା ସହ ନିଜସ୍ୱ ପ୍ରତିପୋଷଣ ଆକାରରେ ୨ ଲକ୍ଷ ୩୮ ହଜାର ଟଙ୍କା ବିନିଯୋଗ କରିବାକୁ ସୂରଜଙ୍କୁ ପରାମର୍ଶ ଦିଆଯାଇଛି।

ଅର୍ଥାତ ମୋଟ୍ ୭ ଲକ୍ଷ ୨୦ହଜାର ଟଙ୍କାର ଏହି ପ୍ରକଳ୍ପ ମାଧ୍ୟମରେ ତାଙ୍କୁ କୁକୁଡା ଚାଷକୁ ଆହୁରି ବଡ କରିବାର ସୁଯୋଗ ମିଳିଛି। ବର୍ତ୍ତମାନ ସୂରଜ ୫ ଟଙ୍କା ଦରରେ ଗୋଟିଏ ଲେଖାଏଁ କୁକୁଡା ଛୁଆ କିଣି ମୋଟ ୨ ହଜାର ଛୁଆ ପାଳନ ପରେ ଏହି କୁକୁଡା ଗୁଡିକୁ ବଜାରରେ ବିକ୍ରି କରିବେ ବୋଲି କହିଛନ୍ତି। କେବଳ ନିଜସ୍ୱ ପାଇଁ ରୋଜଗାର କରିବା ନୁହେଁ, ଆଗକୁ ୧୦ ହଜାର କ୍ଷମତା ବିଶିଷ୍ଟ ଏକ ବଡ କୁକୁଡା ଫାର୍ମ ନିର୍ମାଣ କରି ସ୍ଥାନୀୟ ଯୁବକ ଯୁବତୀଙ୍କୁ ରୋଜଗାର ଦେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସଫଳତାର ରାସ୍ତାରେ ସୂରଜଙ୍କ ସାମ୍ନାରେ କିଛି ସମସ୍ୟା ମଧ ରହିଛି। ଫାର୍ମକୁ ଯାତାୟାତ ପାଇଁ ଭଲ ରାସ୍ତା ନଥିବାରୁ ଅନେକ ଅସୁବିଧା ହେଉଛି।

# ଜନହିତ ପାଇଁ ବଦଳାଇବା ଉଚିତ

ଏବେ ବଦଳାଇବା ଗୋଟେ ଟ୍ରେଣ୍ଡ ହୋଇଗଲାଣି। ଦେଶ ଓ ବିଭିନ୍ନ ରାଜ୍ୟରେ ଶାସକଙ୍କ ମନରେ ଏକ ଧାରଣା ଉତ୍ପନ୍ନ ହୋଇଛି ଯେ, ଆମେ ପୂର୍ବ ସରକାର ଦ୍ୱାରା ପ୍ରଚଳିତ ଯୋଜନା ବା କାର୍ଯ୍ୟକୁ ବଦଳାଇବା ? ଯେହେତୁ ବଦଳାଇବା କାର୍ଯ୍ୟ ବା ପରିବର୍ତ୍ତନ ସର୍ବଦା ବ୍ୟୟସାପେକ୍ଷ ଓ କରଦାତାଙ୍କ ଅର୍ଥରେ ସମ୍ପାଦିତ, ଆମକୁ ଦେଖିବାକୁ ପଡିବ ଯେ ପରିବର୍ତ୍ତନ ଦ୍ୱାରା ବ୍ୟୟର ଲାଭ ଏବଂ ଅନ୍ୟ କ୍ଷେତ୍ରରେ ସମବ୍ୟୟର ଉପଯୋଗରୁ ମିଳୁଥିବା ଲାଭ ମଧ୍ୟରେ କେଉଁଟା ଅଧିକ। ସର୍ବ ପ୍ରଥମେ ଶାସନ ବ୍ୟବସ୍ଥା ବୁଝିବାକୁ ପଡିବ ? ଆମ ଶାସନରେ ୨ଟି ସ୍ତମ୍ଭ ଅଛି। ଏକ ନିର୍ବାଚିତ ପ୍ରତିନିଧି ଓ ଏକ ସ୍ଥାୟୀ ଅମଲାତନ୍ତ୍ର। କୌଣସି ସରକାରରେ ଏକ ଯୋଜନା ପ୍ରଣୟନ ପୂର୍ବରୁ ବିସ୍ତୃତ ବିଚାର ବିମର୍ଶ ହୋଇଥାଏ। ସମସ୍ତ ବିଷୟକୁ ବିଚାରକୁ ନେଇ ସମୟର ଆବଶ୍ୟକତା ଅନୁସାରେ ଯୋଜନା କ୍ରିୟାନ୍ୱୟନ ହୁଏ। ମାତ୍ର ସରକାର ବଦଳିଗଲେ ସେ ଯୋଜନାକୁ ନ୍ୟୂନତମ ନଜରରେ ଦେଖାଯାଏ ଏବଂ ତାକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରାଯାଏ କିମ୍ବା ରଙ୍ଗ ଦେଇ, ନାମ ପରିବର୍ତ୍ତନ କରି ନୂତନ ଭାବେ ପରିବେଷଣ ଲାଗି ଉଦ୍ୟମ ହୁଏ। ଏହା ସର୍ବଦା ଠିକ୍ ହୋଇ ନ ପାରେ। ଯେଉଁଠି ଟେକ୍ନୋଲୋଜି ପ୍ରୟୋଗର ଆବଶ୍ୟକତା ଅଛି, ତାକୁ ପରିବର୍ତ୍ତନ କରି ପାରଦର୍ଶୀ କଲେ ଭଲ। ସେହିପରି ଯେଉଁଠି ରାଜସ୍ୱ ଅପଚୟ ହେଉଛି, ତାକୁ ମଧ୍ୟ ପରିବର୍ତ୍ତନ କରାଯାଇପାରେ। ମାତ୍ର ଯେଉଁଠି ଏ ସବୁର ଆବଶ୍ୟକତା ନାହିଁ ତାକୁ ପରିବର୍ତ୍ତନ କରିବା ଅନୁଚିତ। ଯେପରି କୌଣସି ଘର କିମ୍ବା ଗାଡ଼ିର ରଙ୍ଗ ବଦଳାଇଲେ ରାଜସ୍ୱ ଅପଚୟ ହୁଏ, ମାତ୍ର କିଛି ଲାଭ ମିଳି ନ ଥାଏ। ଏହା ଏକ ପରମ୍ପରାରେ ପରିଣତ ହେଲେ, ସମାଜକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼େ।

ପ୍ରତ୍ୟେକ ନୂଆ ସରକାର ପୂର୍ବ ସରକାର ଅମଳରେ ପ୍ରଚଳିତ ରଙ୍ଗ ଓ ନାମକୁ ବଦଳାଇବାକୁ ଚେଷ୍ଟା କରନ୍ତି ଓ ଅଣ ଉତ୍ପାଦିକା ଖର୍ଚ୍ଚ ବୃଦ୍ଧି ପାଏ। ମାତ୍ର ଯେଉଁଠି ପରିବର୍ତ୍ତନ ଲୋଡ଼ା ତାକୁ ପରିବର୍ତ୍ତନ କରିବା ଦରକାର। ଉଦାହରଣ ସ୍ୱରୂପ ଆଗରୁ ରାଶନ କାର୍ଡରେ ଜଣେ ବ୍ୟକ୍ତି ବିଭିନ୍ନ ସ୍ଥାନରୁ ଚାଉଳ ନେଉଥିଲେ। ମାତ୍ର ଆଧାର ସଂଯୋଗୀକରଣ ଦ୍ୱାରା ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇପାରୁଛି। ଏହିଭଳି ପରିବର୍ତ୍ତନ ସ୍ୱାଗତଯୋଗ୍ୟ। ସେହିପରି ଓଡ଼ିଶାର ବିଭିନ୍ନ ସ୍ଥାନର ଇଂଲିଶ ବନାନ ପରିବର୍ତ୍ତନ ବି ସ୍ୱାଗତଯୋଗ୍ୟ। ରାଜସ୍ୱ ନିୟମ ସରଳୀକରଣ ମଧ୍ୟ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ସ୍କୁଲ ପାଠ୍ୟ ପୁସ୍ତକର ଆମୂଳଚୂଳ ପରିବର୍ତ୍ତନ ଏକ ଅନାବଶ୍ୟକ ପଦକ୍ଷେପ। ମୁଁ ମାନୁଛି ସ୍କୁଲ ପାଠ୍ୟ ପୁସ୍ତକର ବିଷୟବସ୍ତୁରେ ନୂତନତ୍ୱ ଯୋଡିବା ଆବଶ୍ୟକ। ମାତ୍ର ଆମୂଳଚୂଳ ପରିବର୍ତ୍ତନ ସୂଚିତ କରୁଛି ଯେ,ଏହା ପୂର୍ବରୁ ପ୍ରଚଳିତ ସମସ୍ତ ବିଷୟବସ୍ତୁ ଭୁଲ୍ ? କିମ୍ବା ଅବାନ୍ତର। ସେ ସମୟର ଶ୍ରେଷ୍ଠ ବିଦ୍ୱାନଙ୍କୁ ନେଇ ପ୍ରସ୍ତୁତ ପୁସ୍ତକ ଭୁଲ୍ ? କିମ୍ବା ଅବାନ୍ତର ହେବ କିପରି ? ଅମାକୁ ଧ୍ୟାନ ରଖିବାକୁ ହେବ ଯେ ସଭ୍ୟତା ହେଉ କିମ୍ବା ଟେକ୍ନୋଲୋଜି, ସେଥିରେ ସାମାନ୍ୟ ପରିବର୍ତ୍ତନ ହୁଏ ପୂର୍ବ ବର୍ଷ ତୁଳନାରେ। ମାତ୍ର ପାଠ୍ୟ ପୁସ୍ତକର ଆମୂଳଚୂଳ ପରିବର୍ତ୍ତନ ଦ୍ୱାରା ସରକାରଙ୍କୁ ଲାଭ ପରିବର୍ତ୍ତେ ଅଧିକ କ୍ଷତି ସହିବାକୁ ପଡୁଛି। ଯଦି ଆମେ ପୁରୁଣା ବହିରେ ଅଳ୍ପ କିଛି ପରିବର୍ତ୍ତନ କରିଥାନ୍ତେ, ହୁଏତ ଏତେ ସଂଖ୍ୟକ ଭୁଲ୍ ହୋଇ ନଥାନ୍ତା।

କୌଣସି ଏକ ନର୍ଦ୍ଦିଷ୍ଟ ସମୟରେ ଯେଉଁ ସରକାର ଥାଆନ୍ତୁ, ତା'ର ପୂର୍ବ ସରକାର ଦ୍ୱାରା ପ୍ରଦତ୍ତ ସବୁକିଛିକୁ ଭୁଲ୍ ? ଭାବିବା ଠିକ୍ ? ନୁହେଁ। ସେହିପରି ତାଙ୍କର ସବୁକିଛିକୁ ଠିକ୍ ? ବୋଲି ଭାବିନେବା ବି ଉଚିତ ନୁହେଁ। ତେଣୁ ଚିନ୍ତାକରିବା ଦରକାର ଯେ, ଯେଉଁ ପରିବର୍ତ୍ତନ ପ୍ରଜା ହିତରେ ଅଛି, ତାକୁ ଆପଣେଇବା, ମାତ୍ର ଯେଉଁ ପରିବର୍ତ୍ତନ ପ୍ରଜା ହିତରେ ନାହିଁ ଓ ସେଥିପାଇଁ ରାଜକୋଷରୁ ପ୍ରଚୁର ଅର୍ଥ ଅପଚୟ ହେଉଛି, ସେଭଳି ପରିବର୍ତ୍ତନରୁ ସରକାର ଦୂରରେ ରହିବା ଆବଶ୍ୟକ। ଏହି ସବୁ କାର୍ଯ୍ୟ ଦ୍ୱାରା ସେ ସମୟର ସରକାର ଜନମୁଖରେ ନିନ୍ଦିତ ମଧ୍ୟ ହୁଅନ୍ତି। ମହତ୍ତ୍ୱପୂର୍ଣ୍ଣ ସୂଚନା ହେଉଛି ଯେ, ବିକାଶର ସୀମା ଆକାଶର ସୀମା ଭଳି ଅନନ୍ତ ଓ ସେହିପରି ନୂତନତ୍ତ୍ୱ ସୃଷ୍ଟିର ସୀମା ମଧ୍ୟ ଅନନ୍ତ। ତେଣୁ ନିର୍ବାଚିତ ସରକାର ନୂତନତ୍ୱ ସୃଷ୍ଟି ଦ୍ୱାରା ବିକାଶର ନୂଆ କୀର୍ତ୍ତିମାନ ସ୍ଥାପନ କରିପାରିବେ କିମ୍ବା ନୂତନ ଶିଖରକୁ ଛୁଇଁପାରିବେ। ମାତ୍ର ଇତିହାସକୁ ଭୁଲ୍ ? ପ୍ରମାଣିତ କରିବାକୁ ଯାଇ ସବୁ ସାମର୍ଥ୍ୟ ଲଗାଇଦେଲେ ବିକାଶ ସମ୍ଭବ ହେବ ନାହିଁ। ଆରମ୍ଭରୁ ପରୀକ୍ଷା ନିରୀକ୍ଷା ଦ୍ୱାରା କେବଳ ଜନସାଧାରଣଙ୍କୁ ଅଧିକ ସୁବିଧା ଦେଇପାରୁଥିବା ପରିବର୍ତ୍ତନକୁ ହିଁ ପ୍ରୟୋଗ କରିବା ଆବଶ୍ୟକ।

# ପ୍ରକୃତ ଜୀବନ ସାଥି

ଶ୍ରୀବତ୍ସ ନାୟକ

"Friend in need is friend indeed' ଅର୍ଥାତ୍ ବାସ୍ତବିକ ସେ ହେଉଛି ବନ୍ଧୁ ଯିଏ ଦରକାର ସମୟରେ ଆମର କାର୍ଯ୍ୟରେ ଆସେ । ଚାଣକ୍ୟ ନୀତି ଅନୁସାରେ 'ଆତୁରେ ବ୍ୟସନେ ପ୍ରାପ୍ତେ ଦୁର୍ଭିକ୍ଷେ ଶତ୍ରୁ ସଙ୍କଟେ । ରାଜଦ୍ୱାରେ ଶ୍ମଶାନେ ଚ ଯସ୍ତିଷ୍ଠତି ସ ବାନ୍ଧବଃ।

ଅର୍ଥାତ୍ ଅସୁସ୍ଥତା ସମୟରେ,ଦୁଃଖ ଦୁର୍ଦ୍ଦିନ ସମୟରେ,ଖାଦ୍ୟାଭାବ ସମୟରେ, ଶତ୍ରୁଙ୍କ ଦ୍ୱାରା ବିପଦରେ ପଡିଥିବା ସମୟରେ,ମାଲି ମକଦ୍ଦମା କ୍ଷେତ୍ରରେ ତଥା ମୃତ୍ୟୁ ସମୟରେ ଯେଉଁ ବ୍ୟକ୍ତି ମଶାଣୀ ଭୂମିରେ ଆମ ସଙ୍ଗେ ରୁହେ ସେ ହେଉଛି ପ୍ରକୃତ ବନ୍ଧୁ । ଜୀବନର ସୁଦୀର୍ଘ କଣ୍ଟକିତ ପଥକୁ ଅତିକ୍ରମ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିମିତ୍ତ ଏକ ଜୀବନ ସାଥୀ ବା ଉପଯୁକ୍ତ ବନ୍ଧୁର ନିତାନ୍ତ ଆବଶ୍ୟକତା ରହିଛି। ଉପଯୁକ୍ତ ବନ୍ଧୁଟିଏ ପ୍ରାପ୍ତିହେଲେ କଣ୍ଟକିତ ପଥ ପୁଷ୍ପମୟ ହୋଇଥାଏ ଓ ଜୀବନ ଜୀଇଁବାର ମଜା ଆସିଥାଏ ନଚେତ୍ ଜୀବନ ଦୁର୍ବିସହ ହୋଇପଡେ । କଥାରେ ଅଛି 'ବନ୍ଧୁ ହୀନ ଜୀବନ ପତ୍ର ବିହୀନ ବୃକ୍ଷ ସଦୃଶ' । ଆଜିର ମଣିଷ ସମାଜରେ ଅନେକ ଗୁଡ଼ିଏ ସମ୍ପର୍କର ମୋହରେ ଛନ୍ଦି ହୋଇ ରହିଅଛି ହେଲେ ପ୍ରକୃତ ବନ୍ଧୁ କିଏ,ସେ କିପରି ହେବା ଉଚିତ୍ ଏ ନେଇ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ ହେବା ଦରକାର ।

ମଣିଷ ନିଜ ସମାଜରେ ଅନେକ ଗୁଡ଼ିଏ ସମ୍ପର୍କ ଯଥା ବାପା,ବୋଉ, ଦାଦା,ଖୁଡି,ବଡ଼ ବାପା,ବଡ଼ବୋଉ, ଭାଇ, ଭଉଣୀ,ପତ୍ନୀ,ସ୍ୱାମୀ,ବନ୍ଧୁ ଭଳି ଅନେକ ସମ୍ପର୍କୀୟଙ୍କୁ ନେଇ ବଞ୍ଚେ । ଏହି ଚିର ପରିଚିତ ସମ୍ପର୍କ ସ୍ନେହ, ସଂପ୍ରିତୀ, ଆନୁଗତ୍ୟ,ସମ୍ମାନ ବୋଧ ଓ ସଂଭ୍ରମତା ଓ ସର୍ବୋପରି ପ୍ରଗାଢ ବିଶ୍ୱାସର ସହ ନିବିଡ଼ତା ଓ ଭାବାଗତ ନିରାପତ୍ତା ଉପରେ ନିର୍ଭର କରେ । ସମାଜରେ ଏହିଭଳି ଅନେକ ବନ୍ଧୁଙ୍କୁ ବିଶ୍ୱାସ ଓ ଭରସା କରି ଆମେ ଜୀବନ ଜୀଇଁବାରେ ଆଶା କରିଥାଉ ସତ କିନ୍ତୁ ଏଥିରେ କେତେ ସଫଳ ହେଉ ତାହା ଏକ ପ୍ରଶ୍ନବାଚୀ। ବେଳେବେଳେ ଏକ ଆତ୍ମିକ ଅସମାହିତ ପ୍ରଶ୍ନବାଚୀ ଆମକୁ ବିଚଳିତ କରିଥାଏ ଯେ; ସେମାନେ କ'ଣ ଆମର ପ୍ରକୃତ ଜୀବନ ସାଥି ? ବାସ୍ତବିକ ଆମେ ଏ ସଂସାରରେ ମୋହ ମାୟାର ବଶବର୍ତ୍ତୀ ହୋଇ ଯେଉଁମାନଙ୍କ ସହ ଅନେକ ସମ୍ପର୍କ ସୃଷ୍ଟି କରିଛେ ସେମାନେ ଆମର ପ୍ରକୃତ ଜୀବନ ସାଥି ନୁହଁନ୍ତି। ପଣ୍ଡିତ ଶ୍ରୀ ଶ୍ରୀ ରବିଶଙ୍କର ମହାନୁଭବଙ୍କ ମତରେ, 'ଆମ ଶରୀର ହେଉଛି ଆମର ପରମ ବନ୍ଧୁ'! ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ମିତ୍ର ସଦୃଶ ଆମ ଶରୀର ଆମ ପାଖେପାଖେ ଥାଏ । ଯଦି ଶରୀର ଥରେ ଜବାବ ଦେବା ବନ୍ଦ କରିଦିଏ ତେବେ କୌଣସି ସମ୍ପର୍କୀୟ କିଛି ବି କରିପାରିବେ ନାହିଁ ବରଂ ବନ୍ଧୁ ପରିବର୍ତ୍ତେ କହିବେ ପ୍ରେତ ଓ ଲାସ୍ । ଏଠି ସମସ୍ତେ ମୋହ ମାୟାରେ ବନ୍ଧା। ଜୀବନ ସାଥି ବା ବନ୍ଧୁ ଭାବରେ ଛଳନା ଅଭିନୟ କରି ନିଜ ନିଜର ସ୍ୱାର୍ଥ ହାସଲ କରିବାରେ ସମସ୍ତେ ବ୍ୟସ୍ତ । ସମସ୍ତେ ସବୁ କହିବେ ବା କରିବେ କିନ୍ତୁ ନିଜର ଶରୀର ଯେବେ ନିଜକୁ ସାଥି ନଦିଏ ତେବେ ସବୁ କିଛି ତୁଚ୍ଛ ହୋଇପଡେ। ସବୁ ଥାଇ ବି କିଛି ନଥିଲା ପରି ମନେ ହୁଏ । ଶରୀର ରୁଗ୍ଣ ହୋଇଗଲେ କିମ୍ବା ବାର୍ଦ୍ଧକ୍ୟ ଗ୍ରାସ କଲେ ଜୀବନ ପ୍ରତି ବିତୃଷ୍ଣା ଭାବ ଜାଗ୍ରତ ହୁଏ । ବାର୍ଦ୍ଧକ୍ୟ ଅବସ୍ଥାରେ ରୁଗ୍ଣ ଶରୀର ଅନ୍ୟ ପାଇଁ ବୋଝ ହୋଇପଡେ । ଅତୀତରେ ଯେଉଁ ଆତ୍ମୀୟମାନେ ଆମକୁ ଏତେ ଭଲ ପାଉଥିଲେ ସେମାନେ ପରିଶେଷରେ ଛି ଛି କରିବେ । ସେ ସମୟରେ ଅସୁସ୍ଥ ଶରୀର ଥିବା ବ୍ୟକ୍ତି ପ୍ରାଚୂର୍ଯ୍ୟର ଚାରୁ ଗନ୍ତାଘର ମଧ୍ୟରେ ଥାଇ ମଧ୍ୟ ନିଜକୁ ଧିକାର୍ କରେ ।

ଏଣୁ ଜୀବନସାଥି ରୂପକ ନିଜ ଶରୀରର ଧ୍ୟାନ ରଖିବା ନିହାତି ଜରୁରୀ । ପ୍ରାଣାୟାମ, ଧ୍ୟାନ, ବ୍ୟାୟାମ, ପଦଯାତ୍ରା, ସୁଷମ ଖାଦ୍ୟ, ଶୁଭ ଚିନ୍ତନ, ସୁକର୍ମ, ଉତ୍ତମ ସାତ୍ତ୍ୱିକ ଆହାର, ଯଥେଷ୍ଟ ଆରାମ, ଯୋଗ, ଭଗବତ ଚିନ୍ତନ ପ୍ରଭୃତି ଠିକ୍ ସମୟରେ କରି ଶରୀରକୁ ସତେଜ ଓ ନିରୋଗୀ ରଖିବା ନିହାତି ଆବଶ୍ୟକ । ତେଣୁ କଥାରେ ଅଛି, –'ସ୍ୱାସ୍ଥ୍ୟ ହିଁ ସମ୍ପଦ' । ଆମେ ଶରୀର ସହିତ ଯେମିତି ବ୍ୟବହାର କରିବା ଆମକୁ ପରିଣାମ ଠିକ୍ ସେହିପରି ମିଳିବ । ଆମେ ଆମ ସାଥି ଶରୀର ପାଇଁ ଯେତେ ଯତ୍ନବାନ ହେବା, ଆମର ସାଥି ଆମ ପ୍ରତି ସେତିକି ଯତ୍ନବାନ ହେବ,ଏଥିରେ ତିଳେ ମାତ୍ରେ ସନ୍ଦେହର ଅବକାଶ ନାହିଁ । ଶରୀରକୁ ସୁସ୍ଥ ରଖିବାକୁ ଆମେ କ'ଣ ଆହାର କରୁଛେ, ଆମେ କେତେ ସମୟ ଆରାମ ଦେଉଛେ, ସେହିଭଳି ଆମ ସାଥି ଶରୀର ଆମକୁ ଜବାବ ଦେବ ! ସମସ୍ତେ ସବୁ କହିବେ କିନ୍ତୁ କେହି କାହାର ଦୁଃଖ ନେଇ ଯିବେ ନାହିଁ କି କଷ୍ଟକୁ ସହିବେ ନାହିଁ । ନିଜ ଶରୀରକୁ କଷ୍ଟ ହେଲେ ନିଜକୁ କଷ୍ଟ ହୁଏ । ଆମକୁ ମନେରଖିବାକୁ ହେବ ଯେ,ଆମର ସ୍ଥାୟୀ ଠିକଣା ହିଁ ଆମ ଶରୀର,ଯହିଁରେ ଆମେ ବାସ କରୁ। ଆମ ଶରୀର ଆମର ଜମା ଓ ଦେୟ ଖାତାର ହିସାବ । ଆମେ ଜଣେ ଚତୁର ଅଭିଲେଖକ ଭାବେ ଏହାର ମୂଲ୍ୟାଙ୍କନର ଗୁରୁ ଦାୟିତ୍ୱ ନେଇଛେ । କାରଣ ଶରୀର ଆମର ପ୍ରକୃତ ଜୀବନ ସାଥି । ତେଣୁ ନିଜ ନିଜର ଶରୀର ପ୍ରତି ଆମେ ଯତ୍ନବାନ ହେଲେ ସୁସ୍ଥ ରହିବା।

ହେ ବନ୍ଧୁଗଣ ! ପ୍ରକୃତ ଜୀବନ ସାଥିକୁ ଭଲପାଅ । ନିଜକୁ ନିଜେ ଚିହ୍ନିବାକୁ ଚେଷ୍ଟା କର । ପ୍ରକୃତ ସାଥିର ସେବାରେ ନିଜକୁ ନିୟୋଜିତ କରି ନିଜକୁ ସାହାଯ୍ୟ କରିବାକୁ ଚେଷ୍ଟା କର । ଆସନ୍ତୁ ସମସ୍ତେ ମିଳିମିଶି ଶପଥ ନେବା;ନିଜ ପାଇଁ ଯତ୍ନବାନ୍ ହେବା,ସୁସ୍ଥ ରହିବା ଓ ସୁସ୍ଥ ସମାଜ ଗଠନ କରିବା । ଏହା ହିଁ ଆମ ଜୀବନର ମୂଳମନ୍ତ୍ର ହେଉ । ବ୍ରାହ୍ମଣୀକୂଳର ବିଷ୍ଣୁ, ଭଗବାନ ଚତୁର୍ଭୁଜ ବିଷ୍ଣୁ; ଯାହା ବିକଳ୍ପ ନଥିବା ବିରଳ। ଦନ୍ତକଥା ଛାୟାରେ, ଯେଉଁ ବିଷ୍ଣୁଙ୍କର ତ୍ରେତୟା ଯୁଗର ବଳି-ବାମନ ସଂଯୋଗ ରହିଛି, ଭୂ-ଅଧିପତି ଭେ ?ମକର ରାଜବଂଶର ସମ୍ପର୍କ ରହିଛି।

# ଚନ୍ଦ୍ର ପୃଷ୍ଠରେ ମାନବ

ପିଲା ଦିନେ ବାପାଙ୍କ କାନ୍ଧରେ ବସି ଅଗଣାରେ ବୁଲି ବୁଲି ଦୂର ଆକାଶର ଚନ୍ଦ୍ର (ଜହ୍ନମାମୁଁ)କୁ ଦେଖୁଥିବା ମଣିଷ ଯେ ଦିନେ ଚନ୍ଦ୍ର ପୃଷ୍ଠରେ ପାଦ ଥାପିବ ଏହା କେବେ କେହି ସ୍ୱପ୍ନରେ ସୁଦ୍ଧା କଳନା ହିଁ କରିନଥିଲେ। ମଣିଷ ଭଳି ଏକ ଚଳଚଞ୍ଚଳ ପ୍ରାଣୀ ଗୋଟିଏ ସ୍ଥାନରେ ବହୁତ ସମୟ ଧରି ନୀରବରେ ଓ ନିଶ୍ଚଳରେ ବସି ରହିପାରେ ନାହିଁ । ସେ ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ 'ବିଜ୍ଞାନ' ନାମକ ଗବେଷଣାର ଆୟୁଧ ସହିତ ଆଗକୁ ଆଗକୁ ମାଡି ଚାଲେ । ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବ କରି ୧୯୬୮ ମସିହା ଜୁଲାଇ ମାସ ୨୦ ତାରିଖରେ ମଣିଷ ପ୍ରଥମେ ଚନ୍ଦ୍ର ପୃଷ୍ଠରେ ପାଦ ଥାପି ଇତିହାସ ରଚିବା ସହିତ ମାନବ ସଭ୍ୟତାର ସଫଳତାର ବହିରେ ଆଉ ଏକ ନୂତନ ଫର୍ଦ୍ଦ ଯୋଡ଼ିଥିଲା। ଜଣେ ମଣିଷ ଚନ୍ଦ୍ରରେ ପଦାର୍ପଣ କରିବା – ମାନବ ବିଜ୍ଞାନ ଓ ଯାନ୍ତ୍ରିକତାର ଏକ ବିଶିଷ୍ଟ କୃତି । ଏହା ମଣିଷ ପାଇଁ ଗୋଟିଏ ଛୋଟ ପଦକ୍ଷେପ ହୋଇପାରେ ସତ, କିନ୍ତୁ ମାନବତା ପାଇଁ ଏହା ଥିଲା ଏକ ବଡ଼ ଦୌଡ଼ । ଚନ୍ଦ୍ରମା ଉପରେ ପାଦ ରଖିଥିବା ଏହି ଐତିହାସିକ ଘଟଣାକୁ ମନେ ପକେଇବା ସହ ନିଜ ଜୀବନକୁ ବାଜି ଲଗାଇ ଚନ୍ଦ୍ର ପୃଷ୍ଠରେ ପ୍ରଥମେ ପାଦ ଥାପି ଥିବା ନୀଲ ଆର୍ମଷ୍ଟ୍ରଙ୍ଗଙ୍କ ସାହସିକତାକୁ ସମ୍ମାନ ଜଣାଇବା ପାଇଁ ଆନ୍ତର୍ଜାତିକ ସ୍ତରରେ ପ୍ରତିବର୍ଷ ଜୁଲାଇ ମାସ କୋଡ଼ିଏ ତାରିଖକୁ ଆନ୍ତର୍ଜାତିକ ଚନ୍ଦ୍ରମା ଦିବସ ଭାବେ ପାଳନ କରାଯାଉଛି।

ଚନ୍ଦ୍ର ହେଉଛି ପୃଥିବୀର ଏକମାତ୍ର ଉପଗ୍ରହ ଏବଂ ଆମର ନିକଟତମ ଜ୍ୟୋତିର୍ବିଦୀୟ ପିଣ୍ଡ । ଚନ୍ଦ୍ର ଅଭିଯାନରେ ଯିବା ପାଇଁ ଉଭୟ ରୁଷିଆ ଓ ଆମେରିକା ଚେଷ୍ଟାକଲେ । କିଏ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପାଦ ଦେବ, ସେଥିପାଇଁ ଉଭୟ ଦେଶ ମଧ୍ୟରେ ପ୍ରତିଯୋଗିତା ହେଉଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ୧୯୬୧ ମସିହାରେ ନିଜର ଭାଷଣରେ ପ୍ରକାଶ କରିଥିଲେ ଯେ, ଏହି ଦଶନ୍ଧି ଶେଷ ପୂର୍ବରୁ ଆମେ ଜଣେ ମନୁଷ୍ୟକୁ ଚନ୍ଦ୍ର ପୃଷ୍ଠରେ ଅବତରଣ



କରାଇବୁ ଏବଂ ତାକୁ ନିରାପଦରେ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବୁ ଏବଂ ଠିକ୍ ସେଇଆ ହିଁ ହେଲା । ମହାକାଶ ଅଭିଯାନ ଇତିହାସରେ ୧୯୬୯ ଜୁଲାଇ ୨୦ ତାରିଖ ଥିଲା ଗୋଟିଏ ଉଲ୍ଲେଖନୀୟ ଦିବସ । ଏହିଦିନ ପୃଥିବୀର ମନୁଷ୍ୟ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପଦାର୍ପଣ କରିଥିଲା। ଆମେରିକା ଆପୋଲୋ-୧୧ ଯାନକୁ ୧୯୬୯ ଜୁଲାଇ ୧୬ ତାରିଖରେ ଫ୍ଲୋରିଡାର କେପ୍ କେନେଡି ମହାକାଶ କେନ୍ଦ୍ରରୁ ସଟର୍ନ-୫ ରକେଟ୍ ସାହାଯ୍ୟରେ ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା। ଏଥିରେ ତିନିଜଣ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍, ମାଇକେଲ୍ କୋଲିନ୍ସ ଓ ଏଡ୍‌ୱିନ୍ ଆଲିଡନ୍ ଥିଲେ । ଆପୋଲୋ ୧୧ ଏକ ମାନବ ଅନ୍ତରୀକ୍ଷ ଯାନ ଯାହା ମାଧ୍ୟମରେ ମାନବ ଚନ୍ଦ୍ର ଅଭିଯାନ ଆରମ୍ଭ କରିଥିଲା । କମାଣ୍ଡର ନିଲ ଆର୍ମଷ୍ଟ୍ରଙ୍ଗ, ଲୁନାର ମୋଡ୍ୟୁଲ ପାଇଲଟ ବୁଜ ଆଲଡ୍ରିନ ଆମେରିକୀୟ ଦ୍ୱୟ ଆପୋଲୋ ଲୁନାର ମୋଡ୍ୟୁଲ ଇଗଲ ସାଥିରେ ଜୁଲାଇ ୨୦, ୧୯୬୯ରେ (୨୦:୧୭ ୟୁଟିସି) ଓହ୍ଲେଇଥିଲେ । ପ୍ରଥମେ ଆର୍ମଷ୍ଟ୍ରଙ୍ଗ ଚନ୍ଦ୍ର ପୃଷ୍ଠରେ ପାଦ ରଖିଥିଲେ ଓ ୧୯ ମିନିଟ ପରେ ତାଙ୍କ ସାଥିରେ ଆଲଡ୍ରିନ ଯୋଗଦେଇଥିଲେ । ଚନ୍ଦ୍ରପୃଷ୍ଠରେ ୨୧ ଘଣ୍ଟାରୁ ଅଧିକ ସମୟ ରହି ସେଠାରେ ଆମେରିକାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚନ୍ଦ୍ରଯାନ ବାହାରେ ୨ ଘଣ୍ଟା ୧୫ ମିନିଟ ରହି ପ୍ରାୟ ୪୭୫ ପାଉଣ୍ଡ/ ୨୧.୫ କେଜି ଚନ୍ଦ୍ର ପଦାର୍ଥ ସଂଗ୍ରହ କରିଥିଲେ । ସେମାନେ ଚନ୍ଦ୍ରପୃଷ୍ଠରୁ ମୃତ୍ତିକା ସଂଗ୍ରହ କରିଥିଲେ ଏବଂ ବିଭିନ୍ନ ପରୀକ୍ଷା କରିଥିଲେ। ସେମାନେ ସାଥିରେ ନେଇଥିବା ଗୋଟିଏ ଫଳକ ଚନ୍ଦ୍ରପୃଷ୍ଠରେ ପୋତିଥିଲେ । ସେଥିରେ ଲେଖାଥିଲା, ୧୯୬୯ ମସିହା ଜୁଲାଇ ମାସରେ ପୃଥିବୀର ପ୍ରଥମ ମନୁଷ୍ୟ ଭାବରେ ଚନ୍ଦ୍ରରେ ପାଦ ପକାଇ ସମଗ୍ର ମାନବ ଜାତିର ଶାନ୍ତି କାମନା କରି ଆମେ ଏଠାକୁ ଆସିଥିଲୁ। ଚନ୍ଦ୍ରପୃଷ୍ଠରୁ ମହାକାଶଚାରୀମାନେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତିଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା ହୋଇ କହିଥିଲେ, ଏଠାରେ ଆମେ ପହଞ୍ଚିବା ହେଉଛି ଆମମାନଙ୍କ ପାଇଁ ବଡ଼ ସମ୍ମାନ ଓ ଗର୍ବ। ଆମେମାନେ କେବଳ ଯୁକ୍ତରାଷ୍ଟ୍ର ଆମେରିକା ନୁହେଁ, ସମସ୍ତ ଦେଶର ଶାନ୍ତିପ୍ରିୟ ଲୋକଙ୍କୁ ପ୍ରତିନିଧିତ୍ୱ କରୁଛୁ । ଆମେମାନେ ସମସ୍ତ ଲୋକଙ୍କର ଆଗ୍ରହ, ଆକାଂକ୍ଷା ଓ ଭବିଷ୍ୟତର ଦୂରଦୃଷ୍ଟିକୁ ମଧ୍ୟ ପ୍ରତିନିଧିତ୍ୱ କରୁଛୁ" । ସେଠାରେ ମହାକାଶଚାରୀ ମାନେ ବିଭିନ୍ନ ପରୀକ୍ଷଣ କରିବା ସହ ଚନ୍ଦ୍ରର ରହସ୍ୟ ଉନ୍ମୋଚନ କରିଥିଲେ । ଅବଶେଷରେ ସେମାନେ ଜୁଲାଇ ୨୪ ତାରିଖ ଦିନ ପ୍ରଶାନ୍ତମହାସାଗରରେ ଅବତରଣ କରିଥିଲେ। ୧୯୭୨ ମସିହା ପରେ କୌଣସି ଦେଶ ଚନ୍ଦ୍ରପୃଷ୍ଠକୁ ମନୁଷ୍ୟ ପଠାଇବା ପାଇଁ ଚେଷ୍ଟା କରିନାହାନ୍ତି, ମାତ୍ର ମନୁଷ୍ୟବିହୀନ ଯାନ ଚନ୍ଦ୍ରକୁ ପରିକ୍ରମା କରି ଏବଂ କେତେକ ଏହା ପୃଷ୍ଠରେ ଅବତରଣ କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି । ଆମେରିକା ପରେ ସୋଭିଏତ୍ ରୁଷ୍ (ଲୁନାର ମିଶନ), ଚୀନ( ଏନ୍ ଏସ୍ ଏ ମିଶନ),ଜାପାନ (ସ୍ଲିମ୍ ମିଶନ),ଭାରତ (ଚନ୍ଦ୍ରଯାନ) ଯଥାକ୍ରମେ ଚନ୍ଦ୍ର ପୃଷ୍ଠକୁ ଯାନ ପଠାଇ ଅନେକ ରହସ୍ୟ ଉନ୍ମୋଚନ କରିବାରେ ସକ୍ଷମ ହେଲେଣି ।

ଆବହମାନ କାଳରୁ ମନୁଷ୍ୟ ପାଇଁ ଚନ୍ଦ୍ର ଆକର୍ଷଣ ସାଜିଛି। ପୁରାଣ ଯୁଗର ସେ ଆମମାନଙ୍କର ଚନ୍ଦ୍ର ଦେବ ହୁଅନ୍ତୁ କିମ୍ବା ଜନ ମାନସରେ ଚନ୍ଦ୍ର ମାମୁଁ ହୁଅନ୍ତୁ,ମନୁଷ୍ୟ ସର୍ବଦା ଚନ୍ଦ୍ର ପ୍ରତି ଧ୍ୟାନ ଦେଇ ଆସିଛି। କିନ୍ତୁ ଆଜକୁ ଛପନ ବର୍ଷ ପୂର୍ବେ ଚନ୍ଦ୍ରରେ ମନୁଷ୍ୟର ପ୍ରଥମ ପଦାର୍ପଣ ହେଉଛି ଏକ ଐତିହାସିକ କୀର୍ତ୍ତି। ମହାକାଶ ଅନୁସନ୍ଧାନରେ ମାନବିକତାର ଅସାଧାରଣ ସଫଳତାକୁ ସ୍ମରଣ କରିବା ପାଇଁ ଏବଂ ପ୍ରଥମ ଚନ୍ଦ୍ର ଅବତରଣକୁ ସମ୍ମାନ ଜଣାଇ ପ୍ରତିବର୍ଷ ଜୁଲାଇ ୨୦ତାରିଖକୁ ଆନ୍ତର୍ଜାତିକ ଚନ୍ଦ୍ରମା ଦିବସ ଭାବେ ପାଳନ କରାଯାଉଛି। ଏହା କେବଳ ଏକ ଦିନ ନୁହେଁ କି ଉତ୍ସବ ନୁହେଁ, ଏହା ହେଉଛି ମାନବ ମନୋବଳ, ବିଜ୍ଞାନ ଓ ଏକତାର ଏକ ଉଜ୍ଜ୍ୱଳ ପ୍ରତୀକ । ଏହି ଦିନ ଆମକୁ ଶିଖାଏ ଯେ – ଯଦି ଇଚ୍ଛା ଓ ଅଦମ୍ୟ ଚେଷ୍ଟା ଥାଏ, ତେବେ ଚନ୍ଦ୍ର ପର୍ଯ୍ୟନ୍ତ ଯିବା ମଧ୍ୟ ସମ୍ଭବ। ଆସନ୍ତୁ, ଏହି ଦିନରେ ଆମେ ବିଜ୍ଞାନ, ଗବେଷଣା ଓ ଶିକ୍ଷା ପ୍ରତି ଆଦର ବଢ଼ାଇବା ପାଇଁ ପ୍ରତିବଦ୍ଧ ହେବା ।

# ଓଡ଼ିଶାର ବାତ୍ୟାନୁକୂଳ ଜଳବାୟୁ

ଜଳବାୟୁ ହେଉଛି କୌଣସି ଏକ ଭୌଗୋଳିକ ବଡ଼ ଅଞ୍ଚଳକୁ ବହୁ ସମୟ ଧରି ପ୍ରଭାବିତ କରୁଥିବା ପ୍ରାକୃତିକ ଋତୁର ଅବସ୍ଥା। ଋତୁଚକ୍ରରେ ପରିବର୍ତ୍ତନ ଯୋଗୁ ଏହି ଜଳବାୟୁରେ ପରିବର୍ତ୍ତନ ଘଟିଥାଏ ଫଳରେ ସମଗ୍ର ମାନବ ସମାଜ ପ୍ରଭାବିତ ହୋଇଥାଏ। ବିଶେଷକରି ଓଡ଼ିଶାର ଭୌଗୋଳିକ ଅବସ୍ଥାକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଆଲୁଭିଆଲ୍ ମାଟି, ବିକଶିତ ଜଳସେଚନ, ଗମନାଗମନର ସୁବିଧା, ନାତିଶୀତୋଷ୍ଣ ଜଳବାୟୁ ଯୋଗୁ ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ଦୃଷ୍ଟିରୁ ଓଡ଼ିଶା ବେଶ୍ ବିକଶିତ 'ସାଇକ୍ଲୋନିକ୍ ବିପର୍ଯ୍ୟୟ', ରାଜ୍ୟ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ସହ ଜନଜୀବନ ଅସ୍ତବ୍ୟସ୍ତ କରି ପକାଉଛି।

ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଭାରତର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଆରବ ସାଗର ଏବଂ ଦକ୍ଷିଣରେ ଭାରତ ମହାସାଗର ଭଳି ବିସ୍ତୀର୍ଣ୍ଣ ଜଳରାଶି ସର୍ବଦା ଘୂର୍ଣ୍ଣିବଳୟ ନିମନ୍ତେ ଅନୁକୂଳ ହୋଇଥାଏ, ଫଳରେ ବର୍ଷତମାମ ଭାରତ ଉପରେ ଏହି ଘୂର୍ଣ୍ଣିବଳୟର ବେଶ୍ ପ୍ରଭାବ ରହିଥାଏ। ଯଦିଓ ଘୂର୍ଣ୍ଣିବଳୟ ସମଗ୍ର ଦେଶକୁ ପ୍ରଭାବିତ କରିଥାଏ କିନ୍ତୁ ପଶ୍ଚିମ ଓ ଦକ୍ଷିଣ ଭାରତ ଅପେକ୍ଷା ପୂର୍ବ ଭାରତ ଉପରେ ଏହାର ପ୍ରଭାବ ବେଶ୍ ଅଧିକା। ଭାରତରେ ଦୁଇଟି ବାତ୍ୟାର ଋତୁ ଅଛି। ଗୋଟିଏ ହେଉଛି ପ୍ରାକ୍ ମୌସୁମୀ ଋତୁ (ଏପ୍ରିଲ-ମେ) ଏବଂ ଦ୍ୱିତୀୟଟି ହେଉଛି ମୌସୁମୀ ପରବର୍ତ୍ତୀ (ଅକ୍ଟୋବର-ଡିସେମ୍ବର)। ଏହି ସମୟ ମଧ୍ୟରେ ବାତ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ଅନ୍ୟତମ। ଭାରତର ପୂର୍ବ ସମୁଦ୍ର ଉପକୂଳରେ ଓଡ଼ିଶା ଅବସ୍ଥିତ। ପୂର୍ବଘାଟ ପର୍ବତମାଳାର ପୂର୍ବରେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଓ ପଶ୍ଚିମରେ ଉଚ୍ଚ ମାଳଭୂମି ଅବସ୍ଥିତ। ଏହାର ଉତ୍ତରରେ କର୍କଟକ୍ରାନ୍ତି ଯାଇଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ କ୍ରାନ୍ତିମଣ୍ଡଳର ଅନ୍ତର୍ଗତ ତେଣୁ ଏହାର ଜଳବାୟୁ ଉଷ୍ଣ ଏବଂ ଆର୍ଦ୍ର। ଉପକୂଳବର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ଜଳବାୟୁ ଓ ପଶ୍ଚିମସ୍ଥ ଉଚ୍ଚଭୂମିରେ ମହାଦେଶୀୟ ଜଳବାୟୁ ଦେଖାଯାଏ। ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରେ ସାମୁଦ୍ରିକ ପ୍ରଭାବ ଯୋଗୁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅପେକ୍ଷାକୃତ କମ୍ ଥାଏ। ଶୀତ ଋତୁରେ ତାପମାତ୍ରା ସେତେ କମ୍ ହୁଏ ନାହିଁ। ମାତ୍ର ପଶ୍ଚିମବଙ୍ଗ ଉଚ୍ଚ ଭୂମିରେ ଗ୍ରୀଷ୍ମ ଋତୁରେ ଉତ୍ତାପ ଅଧିକ ବୃଦ୍ଧିପାଏ ଓ ଶୀତ ଋତୁରେ ଅଧିକା ହ୍ରାସ ପାଏ ଅର୍ଥାତ୍ ଉପକୂଳବର୍ତ୍ତୀ ଅଞ୍ଚଳରେ ସମଶୀତୋଷ୍ଣ ଜଳବାୟୁ ଅନୁଭୂତ ହେଲାବେଳେ ପଶ୍ଚିମ ଉଚ୍ଚ ଭୂମିରେ ଚରମ ଜଳବାୟୁ ଅନୁଭୂତ ହୁଏ। ମୌସୁମୀ ଏବଂ ବିଭିନ୍ନ ଋତୁଗୁଡିକ ସହିତ ଓଡ଼ିଶାର ଜଳବାୟୁ ସମୃଦ୍ଧ ଏବଂ ସଂଯୋଜିତ। ଓଡ଼ିଶାର ଭିନ୍ନଭିନ୍ନ ସ୍ଥାନରେ ଜଳବାୟୁ ଭିନ୍ନଭିନ୍ନ ପ୍ରକାରର ଦୃଶ୍ୟମାନ ହୁଏ। ପୁରୀର ଜଳବାୟୁ ସମଶୀତଳ, ବାଲେଶ୍ୱରର ଜଳବାୟୁ ଓଡ଼ିଶାର ସାଧାରଣ ଜଳବାୟୁ ଭଳି କିନ୍ତୁ କିଛି ଲବଣାକ୍ତ, ଢେଙ୍କାନାଳର କପିଳାସ ଓ ଖୋର୍ଦ୍ଧାର ବରୁଣେଇ ପାହାଡ଼ ନିକଟବର୍ତ୍ତୀ ଜଳବାୟୁ ଶୀତଳ, ଆଭ୍ୟନ୍ତରୀଣ ଓଡ଼ିଶାର ଜଳବାୟୁ ଉଷ୍ଣ ଏବଂ ଉତ୍ତର ଓଡ଼ିଶାର ଜଳବାୟୁ ଅନ୍ୟ ସମସ୍ତ ଅଞ୍ଚଳ ଅପେକ୍ଷା ଶୀତଳ। ଓଡ଼ିଶାର ଜଳବାୟୁକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଅନୁମେୟ ଯେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୩୫ ଡିଗ୍ରୀରୁ ୪୫ଡିଗ୍ରୀ ପର୍ଯ୍ୟନ୍ତ ଅନୁଭୂତ ହୁଏ। ଓଡ଼ିଶାରେ ବର୍ଷା ଋତୁ (ଜୁନ୍-ସେପ୍ଟେମ୍ବର)ରେ ୧୪୦୦ମିମି.ରୁ ୨୪୦୦ମିମି ପର୍ଯ୍ୟନ୍ତ ବର୍ଷା ହୁଏ। ଶୀତଦିନରେ ସର୍ବନିମ୍ନ ୧୮ ଡିଗ୍ରୀରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଅନୁଭୂତ ହୁଏ। ସେପ୍ଟେମ୍ବର-ଅକ୍ଟୋବର ମାସ ମଧ୍ୟରେ ବାତ୍ୟା ଅନୁଭୂତ ହେବାର ଲକ୍ଷ୍ୟ କରାଯାଏ। ବିଶ୍ୱତାପନ ବା ଗ୍ଲୋବାଲ ୱାର୍ମିଂ ଯୋଗୁ ପ୍ରତିବର୍ଷ ବାତ୍ୟା ଭଳି ଦୁର୍ବିପାକରେ ସନ୍ତୁଳିତ ହୁଏ ଓଡ଼ିଶା।

ବାତ୍ୟା ସମୁଦ୍ର ଭିତରେ ଉତ୍ପନ୍ନ ହୁଏ। ପ୍ରଖର ଖରା ଯୋଗୁ ସମୁଦ୍ର ଜଳ ଉତ୍ତପ୍ତ ହୋଇ ବାଷ୍ପରେ ପରିଣତ ହେବା ପରେ ଆକାଶ ମୁହାଁ ହୋଇଥାଏ। ତେଣୁ ସେହି ଜାଗା ଖାଲି ହୋଇଯାଏ। ଆଉ ଶୂନ୍ୟ ସ୍ଥାନ ପୂରଣ କରିବା ପାଇଁ ସେହି ଜାଗାକୁ ମାଡ଼ି ଆସେ ଶୀତଳବାୟୁ। ତେବେ ଏହି ଶୀତଳ ବାୟୁର ତୀବ୍ର ବେଗ ଯୋଗୁ ସାରା ଅଞ୍ଚଳରେ ବାୟୁ ପ୍ରବାହ ଅସ୍ଥିତର ହୋଇପଡ଼େ ଏବଂ ବାୟୁ ତାପ ଯୋଗୁ ବାତ୍ୟା ଉତ୍ପନ୍ନହୁଏ। ସମୁଦ୍ର ଜଳ ବାଷ୍ପୀକରଣ ଯୋଗୁ ସେଠାରେ ନିମ୍ନଚାପ ସୃଷ୍ଟି ହୁଏ। ଫଳରେ ଆଖପାଖର ଶୀତଳ ବାୟୁ ବିପରୀତ ଦିଗରୁ ଏହି ସ୍ଥାନକୁ ଗତି କରନ୍ତି। ସେହି ବାୟୁ ମଧ୍ୟ ବାଷ୍ପ ହୋଇ ଉପରକୁ ଉଠିବା ସହ ମେଘ ତିଆରି କରିଥାଏ। ଏହି ପ୍ରକ୍ରିୟା ଚାଲୁ ରହେ ଯାହା ବାତ୍ୟାର ରୂପ ନିଏ। ଏହାର ଚାରିପଟେ ଏକ ବଳୟ ଭଳି ରହିଥାଏ। ଏହି ବଳୟ ହିଁ ଭୟଙ୍କର ଝଡ଼ ବାତ୍ୟାକୁ ଧରି ରଖିଥାଏ। ବାତ୍ୟା ସମୁଦ୍ରରୁ ସ୍ଥଳଭାଗ ଆଡ଼କୁ ଗତି କରି କ୍ରମଶଃ ଦୁର୍ବଳ ହେବାରେ ଲାଗିଥାଏ। ପ୍ରାୟତଃ ସମୁଦ୍ର ଭିତରେ ଘୂର୍ଣ୍ଣିଭୂତ ହେଉଥିବା ବାତ୍ୟା ସୃଷ୍ଟି ହେବାର ଚତୁର୍ଥ ଦିନରେ ହିଁ ଏହାର ଲ୍ୟାଣ୍ଡଫଲ୍ ହୋଇଥାଏ। ବାତ୍ୟା ଲ୍ୟାଣ୍ଡଫଲ୍ ବା ସ୍ଥଳଭାଗ ଛୁଇଁବା ପରେ ଏହାର ଗତି କମିଯାଏ। କାରଣ ଯେଉଁ ସମୁଦ୍ର ଜଳଧାରଣ କରି ଏହା ଗତି କରେ, ଲ୍ୟାଣ୍ଡଫଲ୍ ପରେ ଆଉ ତାର ଶକ୍ତି ସେତିକି ରହେ ନାହିଁ। ତଥାପି ଏହା ସ୍ଥଳଭାଗରେ ବ୍ୟାପକ କ୍ଷତି ଘଟାଇବାରେ ସମର୍ଥ ହୁଏ। ଏହାର ପ୍ରଭାବରେ ପ୍ରବଳ ବର୍ଷା, ପବନ ଓ ଝଡ଼ବାତ୍ୟା ହୋଇଥାଏ। ଲ୍ୟାଣ୍ଡଫଲ୍ ପରେ ବାତ୍ୟା ଦେହରେ ସମୁଦ୍ରର ଉତ୍ତପ୍ତ ବାୟୁ ଏବଂ ଆର୍ଦ୍ରତା କମିଯାଏ, ଯାହା ଫଳରେ ଏହାର ଗତି ହ୍ରାସ ପାଏ। ଗତି ହ୍ରାସ ହେବା ପୂର୍ବରୁ ଅନେକ କିଛି କ୍ଷୟକ୍ଷତି ଘଟାଇ ସାରିଥାଏ ବାତ୍ୟା।

ଓଡ଼ିଶାରେ ମୁଖ୍ୟତଃ ମୌସୁମୀ ବାୟୁ ପ୍ରଭାବରେ ବୃଷ୍ଟିପାତ ହୋଇଥାଏ। ଓଡ଼ିଶାରେ ବଙ୍ଗୋପସାଗର ଓ ଆରବ ସାଗରରେ କ୍ରାନ୍ତୀୟ ବାତାବର୍ତ୍ତ ସୃଷ୍ଟି ହୋଇ ଉପକୂଳବର୍ତ୍ତୀ ଅଞ୍ଚଳକୁ ପ୍ରଭାବିତ କରେ। ସାଧାରଣତଃ ୬୦୦ କିଲୋମିଟରରୁ ଉର୍ଦ୍ଧ୍ୱ ବ୍ୟାସ ବିଶିଷ୍ଟ ବାତାବର୍ତ୍ତ ଅଧିକ କ୍ଷତିକାରକ ହୁଏ। ଆରବସାଗର ଅପେକ୍ଷା ବଙ୍ଗୋପସାଗରରେ ଅଧିକ ବାତାବର୍ତ୍ତ ସୃଷ୍ଟି ହୋଇଥାଏ। ଏଗୁଡିକ ପ୍ରାୟତଃ ଏପ୍ରିଲ, ମେ, ଅକ୍ଟୋବର ଓ ନଭେମ୍ବର ମାସରେ ସୃଷ୍ଟି ହୁଏ। ସାଧାରଣତଃ ୮ ଡିଗ୍ରୀରୁ ୨୦ ଡିଗ୍ରୀ ଉତ୍ତର ଅକ୍ଷାଂଶ ମଧ୍ୟରେ ଏହା ଦେଖାଯାଏ। ଗୁଜୁରାଟ ଓ ମହାରାଷ୍ଟ୍ର ଆରବସାଗରର ବାତାବର୍ତ୍ତ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ବଙ୍ଗୋସାଗରରେ ସୃଷ୍ଟି ହେଉଥିବା ବାତାବର୍ତ୍ତ ଦ୍ୱାରା କ୍ଷତିଗ୍ରସ୍ତ ହୁଏ। ସମୁଦାୟ ବାତାବର୍ତ୍ତର ୨୭ପ୍ରତିଶତ ବଙ୍ଗୋପସାଗରରେ, ୩୩ପ୍ରତିଶତ ଆରବ ସାଗରରେ ସୃଷ୍ଟି ହୁଏ। ଓଡ଼ିଶାର ଭୌଗୋଳିକ ସ୍ଥିତି ଏବଂ ଜଳବାୟୁ ବାତ୍ୟା ପାଇଁ ଉପଯୁକ୍ତ ହେଉଥିବାରୁ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବାତ୍ୟାର ବିଭୀଷିକା ଦେଖିବାକୁ ମିଳେ। ଓଡ଼ିଶା ସହିତ ପଶ୍ଚିମବଙ୍ଗ ଦକ୍ଷିଣ ଭାଗ, ଆନ୍ଧ୍ରପ୍ରଦେଶର ଉତ୍ତରଭାଗ ଏବଂ ବିହାର ରାଜ୍ୟର ପୂର୍ବ ଭାଗ ବାତ୍ୟା ପ୍ରବଣ ଅଟନ୍ତି। ତେବେ ସମ୍ପୂର୍ଣ୍ଣ ଓଡ଼ିଶା କିନ୍ତୁ ବାତ୍ୟା ଜୋନ୍‌ରେ ଆସୁଛି। କାରଣ ଆରବସାଗର ତୁଳନାରେ ବଙ୍ଗୋପସାଗର ଅଧିକ ଉତ୍ତପ୍ତ। ସେଥିଲାଗି ଏଠାରେ ବେଶି ପରିମାଣରେ ଲଘୁଚାପ ସୃଷ୍ଟି ହୁଏ। ଆଇଏମ୍‌ଡି ଅନୁସାରେ ଦେଶର ୯୬ଟି ଜିଲା ହେଉଛି ଅତ୍ୟଧିକ ବତ୍ୟାପ୍ରବଣ। ସେଥିମଧ୍ୟରେ କେବଳ ଓଡ଼ିଶାର ୫ଟି ଜିଲା ରହିଛି। ସେଗୁଡିକ ହେଉଛି ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା। ଅତୀତକୁ ଦେଖିଲେ ବିଶେଷ ଭାବେ ଅକ୍ଟୋବର ମାସରେ ଓଡ଼ିଶାରେ ମହାବାତ୍ୟା ସଂଘଟିତ ହୋଇଥିବାର ନଜର ରହିଛି। ଓଡ଼ିଶାରୁ ଉତ୍ତର ପଶ୍ଚିମ ମୌସୁମୀ ବାୟୁ ଫେରିଲା ବେଳକୁ ଅକ୍ଟୋବର କିମ୍ବା ନଭେମ୍ବର ମାସ ହୋଇଥାଏ। ଫେରନ୍ତା ବାୟୁର ପ୍ରଭାବରେ ଏହି ସମୟରେ ଓଡ଼ିଶାରେ ଅଧିକାଂଶ ସମୟରେ ବାତ୍ୟାର ପ୍ରଭାବ ପଡିଥାଏ। ଅନ୍ୟପଟେ ଦେଖିଲେ ଓଡ଼ିଶାର ସୁଦୀର୍ଘ ବେଳାଭୂମି ମଧ୍ୟ ବାତ୍ୟା ନିମନ୍ତେ ଅନୁକୂଳ ହେଉଛି ଫଳରେ ବାତ୍ୟାର ମୁହଁରେ ଓଡ଼ିଶା ସର୍ବଦା କଲବଲ ହେଉଛି। ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେଲେ ସବୁବେଳେ ଓଡ଼ିଶା ପ୍ରତି ରହିଛି ବିପଦ। ପୃଥିବୀ ପଶ୍ଚିମରୁ ପୂର୍ବକୁ ଘୂରୁଛି। ଫଳରେ ବାତ୍ୟା ସିଧା ଗତି କରିବା ବଦଳରେ ପୂର୍ବ ଉପକୂଳ ଆଡ଼କୁ ଠେଲି ହୋଇଯାଉଛି। ଏହି ବାତ୍ୟା ଉତ୍ତର ପଶ୍ଚିମରୁ ପୂର୍ବକୁ ଘୂରୁଛି। ଫଳରେ ବାତ୍ୟା ସିଧା ଗତି କରିବା ବଦଳେ ପୂର୍ବ ଉପକୂଳ ଆଡ଼କୁ ଠେଲି ହୋଇଯାଉଛି। ଏହି ବାତ୍ୟା ଉତ୍ତର ପଶ୍ଚିମକୁ ଗତିକଲେ ଓଡ଼ିଶା, ପଶ୍ଚିମରୁ ଉତ୍ତରକୁ ଗତିକଲେ ଆନ୍ଧ୍ର ଓ ସିଧାଗଲେ ତାମିଲନାଡୁରେ ମାଡ଼ ହେବ। ମୌସୁମୀ ସମୟରେ ବଙ୍ଗୋପସାଗରରେ ସୃଷ୍ଟି ଅଧିକାଂଶ ଲଘୁଚାପ ଶକ୍ତିଶାଳୀ ହୋଇ ଉତ୍ତର ପଶ୍ଚିମ ଆଡ଼କୁ ଗତି କରି ଓଡ଼ିଶା ମୁହାଁ ହେଉଛି। ପ୍ରାୟ ୭୫ ପ୍ରତିଶତ ଓଡ଼ିଶା ଉପକୂଳ ଛୁଉଁଛି। ଫଳରେ ବାତ୍ୟାର ସିଧାସଳଖ ପ୍ରଭାବ ପଡୁଛି ଓଡ଼ିଶା ଉପରେ।

ବାତ୍ୟା ଦୃଷ୍ଟିରୁ ଦେଖିଲେ ଓଡ଼ିଶା ଏକ ସମ୍ବେଦନଶୀଳ ରାଜ୍ୟ ଭାବେ ପରିଗଣିତ ହେଉଛି। ଯଦିଓ ବାତ୍ୟା ନିମନ୍ତେ ଓଡ଼ିଶାର ଭୌଗୋଳିକ ସ୍ଥିତି ଅନୁକୂଳ ହେଉଛି ତଥାପି ଆମେମାନେ ପରିବେଶର ସୁରକ୍ଷା ନିମନ୍ତେ ସଜାଗ ନହେଲେ ପ୍ରତିବର୍ଷ ଏହିଭଳି ପ୍ରାକୃତିକ ଦୁର୍ବିପାକ ଆମର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ODISHA NISHABDA
epaper.odishanishabda.com

# ୧୧,୯୩୩ ଛୁଇଁବ ଡାକ୍ତର ସଂଖ୍ୟା, ୮୨୨ ଡାକ୍ତରଙ୍କୁ ନିଯୁକ୍ତିପତ୍ର ବାଣ୍ଟିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ରାଜ୍ୟରେ ରୋଗୀସେବାକୁ ତ୍ୱରାନ୍ୱିତ କରିବା ଦିଗରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତିର ନିହାତି ଆବଶ୍ୟକତା ରହିଛି। ଅନେକ ସମୟରେ ଡାକ୍ତରଙ୍କ ଅଭାବକୁ ନେଇ ବିରୋଧୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ପାଇଁ ଆସନ୍ତା ସପ୍ତାହରେ ୮୨୨ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବାକୁ ରହିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ଡାକ୍ତରମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି। ଏହାକୁ ନେଇ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ରାଜ୍ୟରେ ବର୍ତ୍ତମାନ ମଞ୍ଜୁରପ୍ରାପ୍ତ ୧୫ ହଜାର ୪୭୪ ମୂଳ ଡାକ୍ତର ପଦବୀ ରହିଛି। ଏଥିମଧ୍ୟରୁ ୧୧ ହଜାର ୧୧୧ ଡାକ୍ତର ଏବେ ନିଯୁକ୍ତ ଅଛନ୍ତି। ତେଣୁ ରାଜ୍ୟରେ ୪ ହଜାର ୩୬୩ ଡାକ୍ତର ପଦବୀ ଖାଲି ରହିଥିବାବେଳେ ବିଧାନସଭା ପୂର୍ବରୁ ବିଭାଗ ପକ୍ଷରୁ ୮୨୨ ପଦରେ ନିଯୁକ୍ତି ଦିଆଯିବାକୁ ଲକ୍ଷ୍ୟ ରହିଛି। ଇତିମଧ୍ୟରେ ରାଜ୍ୟରେ ୯ ହଜାର ୮୪୩ ନିୟମିତ ଡାକ୍ତର ରହିଛନ୍ତି। ଏହାବାଦ୍ ୧,୧୩୫ ଜଣ ଠିକା ଡାକ୍ତର ରହିଥିବାବେଳେ ୧୧୦ ଜଣ ଡିଏମ୍ଏଫ୍ ଅଧୀନରେ ନିଯୁକ୍ତ ହୋଇଛନ୍ତି। ଏହାସହିତ ୪ ଜଣ କର୍ପୋରେଶନ ଏବଂ ୧୯ ଜଣ ଅନ୍ୟାନ୍ୟ ଉତ୍ସ ଜରିଆରେ ନିଯୁକ୍ତ ହୋଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟରେ ୭୨୧ ଜଣ ଡାକ୍ତର



ଦୀର୍ଘବର୍ଷ ଧରି ସରକାରଙ୍କୁ ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ମଧ୍ୟରୁ ୧୨୮ ଡାକ୍ତରଙ୍କ ବିରୋଧରେ ଏବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ସୁଦ୍ଧା ୬୦ ଜଣଙ୍କ ବିରୋଧରେ ପ୍ରୋସିଡିଂ ଆରମ୍ଭ ହୋଇସାରିଲାଣି। ଅବଶିଷ୍ଟ ଡାକ୍ତରଙ୍କ ନଥି ଏବେ ଅନୁସନ୍ଧାନ ପ୍ରକ୍ରିୟା ଭିତରେ ରହିଛି। ସରକାରୀ ଚାକିରିରେ ଥାଇ ମଧ୍ୟ ୧ରୁ ୫ବର୍ଷ ଧରି ଶତାଧିକ ଡାକ୍ତର କାହିଁକି ନିଜ କର୍ମସ୍ଥଳରେ ଯୋଗଦେଉନାହାନ୍ତି ତାହାକୁ ନେଇ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଯାଇଛି। ସରକାର ନିୟମକୁ ଅଧିକ କଡ଼ାକଡ଼ି କରିବା ଦିଗରେ ବିଭାଗ ବିଚାର କରୁଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ସଚିବ ଗୌରହରି ବେହେରା କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)କୁ ୫,୨୦୦ ଡାକ୍ତରଙ୍କ ଇଣ୍ଡେଣ୍ଟ ଦିଆଯାଇଥିଲା। ସେଥିରୁ ସେମାନେ ଏଥର ୮୨୨ ଜଣଙ୍କ ନାମ ସୁପାରିସ କରିଛନ୍ତି। ଏହାକୁ ନେଇ ବିଭାଗ ପକ୍ଷରୁ ଡାକ୍ତରଙ୍କ କାଉନ୍‌ସେଲିଂ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ପାଇଁ ସରକାର ଅହରହ ଉଦ୍ୟମ କରୁଛନ୍ତି। ଏହାକୁ ନେଇ ବିଭାଗ ପକ୍ଷରୁ ଏବେ ୮୨୨ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବାକୁ ରହିଛି। ଏହାଦ୍ୱାରା ଗ୍ରାମାଞ୍ଚଳ ରୋଗୀସେବାରେ ଉନ୍ନତି ଆସିବା ସହ ଲୋକେ ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ଡାକ୍ତର ଅଭାବକୁ ଦୃଷ୍ଟିରେ ରଖି ରାଜ୍ୟରେ ନୂତନ ମେଡିକାଲ କଲେଜ ଖୋଲିବା ଉପରେ ସରକାର ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏବେ ୧,୯୦୦ ଡାକ୍ତର ସୃଷ୍ଟି ହେଉଥିବାବେଳେ ପ୍ରତିବର୍ଷ ପ୍ରାୟ ୧୫୦ ଡାକ୍ତର ସିଟ୍ ଆଣିବାକୁ ବିଭାଗ ଲକ୍ଷ୍ୟ ରଖିଛି। ଆଗାମୀ କିଛିବର୍ଷ ମଧ୍ୟରେ ରାଜ୍ୟରେ ଡାକ୍ତରଙ୍କ ଅଭାବ ରହିବ ନାହିଁ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

# ଓଡ଼ିଶାରେ ୟୁସିସି ଚର୍ଚ୍ଚା:ଧର୍ମ ନୁହେଁ, ନାଗରିକ ଭାବେ ଆଇନଗତ ଅଧିକାର ମିଳିବ

**ଭୁବନେଶ୍ୱର:** ୨୦୨୯ ସୁଦ୍ଧା ୨୧ଟି ବିଜେପି ଶାସିତ ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ ହେବ ବୋଲି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି। ଏହାପରେ ଓଡ଼ିଶାରେ ଖୁବ୍‌ଶୀଘ୍ର ୟୁସିସି ଲାଗୁ କରିବାକୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଆଇନ ଲାଗୁ କରିବାକୁ ଆଇନ ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିୟମ, ସୁପ୍ରିମକୋର୍ଟଙ୍କ ବିଭିନ୍ନ ନିର୍ଦ୍ଦେଶ, ସାମ୍ବିଧାନିକ ବ୍ୟବସ୍ଥା, ଉତ୍ତରାଖଣ୍ଡରେ ଲାଗୁ ହୋଇଥିବା ମୂଳ ଆଇନ ଏବଂ ଏଥିରେ ହୋଇଥିବା ସଂଶୋଧନ ସମେତ ବିଭିନ୍ନ ରାଜ୍ୟରେ ପ୍ରସ୍ତୁତ ହୋଇଥିବା ଚିଠା ଆଇନକୁ ତର୍ଜମା କରି ଓଡ଼ିଶାରେ ଏକ ଚିଠା ଆଇନ ପ୍ରସ୍ତୁତ ହେବ। ଏଥିପାଇଁ ପ୍ରଥମେ ଏକ ବିଶେଷଜ୍ଞ କମିଟି ଗଠନ ହେବ। ଓଡ଼ିଶାରେ କିପରି ୟୁସିସି କାର୍ଯ୍ୟକାରୀ ହେବ ସେନେଇ ଏକ ୫ରୁ ୬ଜଣିଆ ବିଶେଷଜ୍ଞ କମିଟି ରୂପରେଖ ପ୍ରସ୍ତୁତ କରିବ। ଏହାର ଅଧ୍ୟକ୍ଷ ଜଣେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ରହିବେ। ଏହି କମିଟିରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି, ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ, ଜଣେ ସମାଜସେବୀ, ଆଇନ ବିଭାଗର ଜଣେ ଅଧିକାରୀ ରହିବେ। ସରକାର ଚାହିଁଲେ ଏହି କମିଟି ସଦସ୍ୟଙ୍କ ସଂଖ୍ୟା ବଢ଼ାଇପାରିବେ। ଏହି କମିଟି ମୁଖ୍ୟତଃ ଗୋଟିଏ ରାଜ୍ୟ/ଦେଶରେ ଗୋଟିଏ ଆଇନ କିପରି ଲାଗୁ ହେବ ସେନେଇ ବିଭିନ୍ନ ପରାମର୍ଶ ଓ ପ୍ରସ୍ତାବ ଦେବେ। ତେଣୁ ଓଡ଼ିଶାରେ ବିଶେଷଜ୍ଞ କମିଟି ଗଠନ ହେଲେ ହିଁ ଏହା ପରଠୁ ୟୁସିସି ପାଇଁ କାର୍ଯ୍ୟ ଆରମ୍ଭ ହେବ।

ସମାନ ନାଗରିକ ସଂହିତା ଲାଗୁ ହେଲେ ରାଜ୍ୟରେ ଯେକୌଣସି ଧର୍ମର ଯିଏ ବି ବିବାହ କଲେ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଅନୁପାଳନ କରିବାକୁ ହେବ। ବିଭିନ୍ନ ଧର୍ମ ପାଇଁ ଥିବା ଭିନ୍ନ ଭିନ୍ନ ଆଇନ ଲାଗୁ ହେବନି। ଓଡ଼ିଶାର କୌଣସି ନାଗରିକ ଏକାଧିକ ବିବାହ କରିପାରିବେନି। ଅର୍ଥାତ୍ ସ୍ୱାମୀ କି ସ୍ତ୍ରୀ ଜୀବିତ ଥିଲେ ସେମାନଙ୍କ ମଧ୍ୟରୁ କେହି ଅନ୍ୟତ୍ର ବିବାହ କରିପାରିବେନି। କେବଳ ବିବାହ ନୁହେଁ ସବୁ ଧର୍ମ ପାଇଁ ଛାଡ଼ପତ୍ର କ୍ଷେତ୍ରରେ ବି ସମାନ ନିୟମ ଲାଗୁ ହେବ।




ଏଥିରେ ଛାଡ଼ପତ୍ର ପାଇଁ ଥିବା ଆଇନଗତ ପ୍ରକ୍ରିୟା, ଆଧାର, ପରବର୍ତ୍ତୀ ଅଧିକାର ପାଇଁ ସମାନ ଆଇନ ରହିବ। ଭରଣପୋଷଣ କ୍ଷେତ୍ରରେ ବି ସମସ୍ତଙ୍କ ପାଇଁ ଏକ ସମାନ ଆଇନ ରହିବ। ଏହାକୁ କଡ଼ାକଡ଼ି ଲାଗୁ କରିବାକୁ ସମସ୍ତଙ୍କ ପାଇଁ ଆଇନଗତ ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ହେବ।

ସେହିପରି ବିଭିନ୍ନ ଧର୍ମ ଅନୁଯାୟୀ ଭିନ୍ନ ଭିନ୍ନ ସମ୍ପତ୍ତି ଉତ୍ତରାଧିକାରୀ ନିୟମ ଥିବାବେଳେ ଘର, ଜମି, କୃଷି ଜମି, ପୈତୃକ ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ପତ୍ତି କ୍ଷେତ୍ରରେ ଉତ୍ତରାଧିକାରୀ ନିୟମ ସମାନ ରହିବ। ଅର୍ଥାତ୍ ପୁଅ, ଝିଅଙ୍କୁ ସମାନ ଅଧିକାରୀ ମିଳିବ। ପତ୍ନୀ/ସ୍ୱାମୀଙ୍କର ବି ସମ୍ପତ୍ତିରେ ଅଧିକାର ରହିବ। ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ବି ଏକ ପ୍ରକାରର ହେବ। ନିଜର ସନ୍ତାନ ଏବଂ ପୋଷ୍ୟ ସନ୍ତାନ କ୍ଷେତ୍ରରେ କୌଣସି ଅସାମଞ୍ଜସ୍ୟ ରହିବନି। ଓଡ଼ିଶାରେ ଯଦିଓ ଏବେ ଲିଭ୍ ଇନ୍ ପରମ୍ପରା ବେଶ୍ ପ୍ରଚଳିତ ନାହିଁ। କିନ୍ତୁ ଭବିଷ୍ୟତ ପିଢ଼ିଙ୍କୁ ନଜରରେ ରଖି ଯିଏ ଲିଭ୍ ଇନ୍‌ରେ ରହିବେ ସେମାନଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯିବ। ବିବାହ ବିଚ୍ଛେଦ ପରି ଲିଭ୍ ଇନ୍‌ରେ ବି ସମ୍ପର୍କ ତୁଟାଇ ହେବ। ଲିଭ୍ ଇନ୍‌ରେ ଥିବାବେଳେ ଯଦି କୌଣସି ସନ୍ତାନସନ୍ତତି ଥିବେ ତେବେ ସେମାନଙ୍କୁ ବି ହକ୍ ମିଳିବ। ଏହାବାଦ୍ ବିଭିନ୍ନ ଧର୍ମ ଆଧାରରେ ଥିବା ନିୟମକୁ ଏକତ୍ରୀକରଣ କରି ଗୋଟିଏ ନିୟମ ଲାଗୁ କରାଯିବ।

# ଗୋଟିଏ କୋଠରୀରେ ୫ଶ୍ରେଣୀ, ଅପରିଷ୍କାର ପରିବେଶରେ ପାଠପଢ଼ା

ଶିକ୍ଷାର ବିକାଶ ଓ ସ୍କୁଲ ରୂପାନ୍ତରଣ ନାଁରେ ସରକାର କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ଡିଣ୍ଡିମ ପିଟୁଛନ୍ତି । ହେଲେ ତୃଣମୂଳ ସ୍ତରରେ ଏହାର ବାସ୍ତବତା କେତେ ନିରାଶାଜନକ, ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକର ଭିମକାଣ୍ଡ ପ୍ରାଥମିକ ବିଦ୍ୟାଳୟରେ । ବିଦ୍ୟାଳୟରେ ଭିତ୍ତିଭୂମିର ଘୋର ଅଭାବ ଯୋଗୁଁ ମାତ୍ର ଗୋଟିଏ ବ୍ୟବହାରଯୋଗ୍ୟ ଶ୍ରେଣୀଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲା ଏକାଠି ବସି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି ।

ସୂଚନା ଅନୁସାରେ, ଏହି ବିଦ୍ୟାଳୟରେ ଥିବା ମୋଟ ୨୮ ଜଣ ଛାତ୍ରଛାତ୍ରୀଙ୍କୁ ମାତ୍ର ଦୁଇ ଜଣ ଶିକ୍ଷକ ଗୋଟିଏ କୋଠରୀ ଭିତରେ ବସାଇ ପଢ଼ାଉଛନ୍ତି । ବର୍ଷେ ତଳେ ଏକ ଭଙ୍ଗା ଶ୍ରେଣୀଗୃହକୁ ମରାମତି ପାଇଁ ଭଙ୍ଗାଯାଇଥିଲେ ସୁଦ୍ଧା ଆଜି ଯାଏଁ ତାହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ଅନ୍ୟପଟେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା କୋଠାର ଛାତରୁ ବର୍ଷା ଦିନେ ପାଣି ଗଳୁଥିବାରୁ ସେଥିରେ ଏବେ ତାଲା ଝୁଲୁଛି ।



ଫଳରେ ଗୋଟିଏ କୋଠରୀ ହିଁ ଏବେ ସମଗ୍ର ବିଦ୍ୟାଳୟ ପାଲଟିଛି। କେବଳ ଶ୍ରେଣୀଗୃହର ଅଭାବ ନୁହେଁ, ବିଦ୍ୟାଳୟର ସାମଗ୍ରିକ ପରିବେଶ ମଧ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ଓ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି। ସ୍କୁଲ ପରିସରରେ ନାଳର ଦୂଷିତ ପାଣି ଜମି ରହୁଥିବା ବେଳେ ଏକମାତ୍ର ନଳକୂପରୁ ମଧ୍ୟ ଅପରିଷ୍କାର ପାଣି ବାହାରୁଛି । ଏପରିକି ଏକ ଭଙ୍ଗା ଚାଳିଆ ତଳେ ମଧ୍ୟାହ୍ନ ଭୋଜନ ରନ୍ଧା ହୋଇ ପିଲାମାନଙ୍କୁ ପରସା ଯାଉଛି । ଶିକ୍ଷା ବିଭାଗ ଅଧୀନରେ ଥିଲେ ମଧ୍ୟ ଏହି ଅନୁଷ୍ଠାନ ପୌରାଞ୍ଚଳ/ଆଦିବାସୀ ଉନ୍ନୟନ ସଂସ୍ଥା (ପିବିଡିଏ)ର ଅବହେଳାର ଶିକାର ହୋଇଥିବା ଅଭିଯୋଗ ଉଠିଛି।

ସ୍ଥାନୀୟ ପୂର୍ବତନ ସରପଞ୍ଚ ବୁଲା କାର୍ଜିଙ୍କ କହିବା ଅନୁଯାୟୀ, ଗ୍ରାମବାସୀମାନେ ଆଦିବାସୀ ଭୂଇଁଆଁ ସମ୍ପ୍ରଦାୟର ହୋଇଥିବାରୁ ସେମାନଙ୍କ ସରଳତାର ସୁଯୋଗ ନେଇ ପ୍ରଶାସନ ସେମାନଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ କରୁନାହିଁ । ଭବିଷ୍ୟତ ଗଢ଼ିବା ବୟସରେ କୋମଳମତି ଶିଶୁମାନେ ଏଭଳି ଦୟନୀୟ ସ୍ଥିତିରେ ପାଠ ପଢୁଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ସହ ପାନୀୟ ଜଳ ଓ ସ୍ୱଚ୍ଛ ପରିବେଶ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଆଧାର ପାଇଁ ୬ ବର୍ଷର ସଂଘର୍ଷ

**ସମ୍ବଲପୁର :** ଖଣ୍ଡେ କାଗଜ ପାଇଁ ୬ ବର୍ଷର ସଂଘର୍ଷ । ଗୋଟିଏ ଭୁଲ ତଥ୍ୟ ଯୋଗୁଁ ନିଜ ପରିଚୟ ପାଇଁ ବର୍ଷ ବର୍ଷ ଧରି ଦୌଡ଼ିବାକୁ ପଡ଼ିଥିଲା । କାଗଜ ଖଣ୍ଡକର ନାଁ ଆଧାର କାର୍ଡ, ଆଉ ଏହି କାଗଜ ପାଇଁ ସଂଘର୍ଷର ନାଁ କରନ ଏକ୍କା । ଶେଷରେ ଓଏଚଆରସିଙ୍କ ହସ୍ତକ୍ଷେପ ପରେ ମିଳିଛି ଆଂଶିକ ସଫଳତା । ସଂଶୋଧିତ ଆଧାର କାର୍ଡ ହାତରେ ପାଇଛନ୍ତି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ର କରନ ଏକ୍କା। ହେଲେ ଏବେ ବି ଜାତି ପ୍ରମାଣପତ୍ର ପାଇବା ବାକି ରହିଛି ।

କରନ ଏକ୍କା ବାପାମାଆ ଛେଉଣ୍ଡ । ପିଲାଦିନରୁ ରାଉରକେଲା ଶିଶୁଭବନରେ ତାଙ୍କର ଲାଳନପାଳନ ହୋଇଥିଲା । ପରେ ତାଙ୍କୁ ଅନ୍ୟ ଏକ ଆଶ୍ରମକୁ ସ୍ଥାନାନ୍ତର କରାଯାଇଥିଲା । ଆଶ୍ରମରେ ରହିବା ସମୟରେ ଶିକ୍ଷାଗତ କାଗଜପତ୍ରରେ ପିତାମାତାଙ୍କ ନାଁ ସ୍ଥାନରେ କନ ଏକ୍କା ଓ ମୁନ୍ନା ଏକ୍କାଙ୍କ ନାଁ ରହିଥିଲା । ପରେ ଆଧାର କାର୍ଡ ତିଆରି ସମୟରେ ହଷ୍ଟେଲ ଅଧୀକ୍ଷକ ପିତାଙ୍କ ନାଁ ସ୍ଥାନରେ ନିଜ ନାଁ 'ପି.କେ. ସେନାପତି' ଲେଖି ଦେଇଥିବା ଅଭିଯୋଗ ରହିଛି। ଏହାପରେ ଆରମ୍ଭ ହୋଇଥିଲା କରନଙ୍କ ଦୁର୍ଦ୍ଦଶା।

ଆଧାର କାର୍ଡ ସଂଶୋଧନ ପାଇଁ ଗଲେ ମଗାଯାଉଥିଲା ରେସିଡେଣ୍ଟ ସାର୍ଟିଫିକେଟ । ଆଉ ଜାତି ପ୍ରମାଣପତ୍ର ପାଇଁ ଆବେଦନ କଲେ ଆଧାର କାର୍ଡ ମଗାଯାଉଥିଲା । ଏଭଳି ଦୁଇଟି ପ୍ରମାଣପତ୍ର ମଧ୍ୟରେ ଅଟକି ଯାଇଥିଲା କରନଙ୍କ ପରିଚୟ । ଦେଖୁ ଦେଖୁ ବିତିଗଲା ପ୍ରାୟ ୬ ବର୍ଷ । କରନଙ୍କ ସମସ୍ୟା ଓଏଚଆରସିଙ୍କ ନଜରକୁ ଆସିବା ପରେ ଏଥିରେ ହସ୍ତକ୍ଷେପ କରାଯାଇଥିଲା। ଏହାପରେ ଶେଷରେ କରନ ସଂଶୋଧିତ ଆଧାର କାର୍ଡ ପାଇଛନ୍ତି । ଦୀର୍ଘ ବର୍ଷ ପରେ




ନିଜ ପରିଚୟର ଏକ ଅଂଶ ଫେରି ପାଇବା ପରେ ତାଙ୍କ ମୁହଁରେ ଫୁଟିଛି ହସ। ହେଲେ ଏବେ ବି ଜାତି ପ୍ରମାଣପତ୍ର ମିଳିବାକୁ ଅପେକ୍ଷା ରହିଛି । କରନଙ୍କ ପାଇଁ ଏବେ ହଷ୍ଟେଲର ଏହି ଛୋଟ ରୁମ୍ ହିଁ ଘର । ବର୍ଷର ୩୬୫ ଦିନ ସେ ଏଠାରେ ରୁହନ୍ତି। ବାହାରେ ଟିଉସନ କରି ଯେତିକି ଟଙ୍କା ରୋଜଗାର କରନ୍ତି, ସେଥିରେ ନିଜର ଭବିଷ୍ୟତ ଗଢ଼ିବାକୁ ଚେଷ୍ଟା କରୁଛନ୍ତି।

କରନଙ୍କ ଏହି ଦୀର୍ଘ ସଂଘର୍ଷରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ମଲ୍ଲିକ ମଧ୍ୟ ସାଥୀ ହୋଇଥିଲେ । ସଂଶୋଧିତ ଆଧାର କାର୍ଡ ମିଳିବା ପରେ ସେ ଖୁସି ବ୍ୟକ୍ତ କରିବା ସହ ଓଏଚଆରସିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ୬ ବର୍ଷର ଲଢ଼େଇ ପରେ କରନଙ୍କ ହାତରେ ଆସିଛି ତାଙ୍କ ପରିଚୟର ଏକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ। ଏବେ ଅପେକ୍ଷା ଜାତି ପ୍ରମାଣପତ୍ରର। ଏହା ମିଳିଲେ ତାଙ୍କର ଦୀର୍ଘ ସଂଘର୍ଷରେ ପଡ଼ିବ ପୂର୍ଣ୍ଣଚ୍ଛେଦ ।

# ବଜାରକୁ ଆସିବ ଓମଫେଡର ଆଇସକ୍ରିମ୍ ଓ ପାଣି



**ଭୁବନେଶ୍ୱର :** ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ (ଓମଫେଡ୍) ପ୍ୟାକେଟ୍ ଯୁକ୍ତ ପାନୀୟ ଜଳ ଓ ଆଇସକ୍ରିମ୍ ବଜାରକୁ ଆଣିବ। ଏହାଦ୍ୱାରା ଉତ୍ପାଦର ପରିସର ବୃଦ୍ଧି ହୋଇପାରିବ। ଆଗାମୀ ଉତ୍ପାଦଗୁଡ଼ିକ ବିଷୟରେ ସୂଚନା ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଏନେଇ ଓମଫେଡ୍ ବୋର୍ଡ ସହ ଆଲୋଚନା ଚାଲିଛି ବୋର୍ଡର ଅନୁମୋଦନ ମିଳିବା ପରେ ଏହି ନୂଆ ଉତ୍ପାଦଗୁଡ଼ିକ ବଜାରରେ ଉପଲବ୍ଧ ହେବ । ପ୍ୟାକେଟ୍‌ଯୁକ୍ତ ପାନୀୟ ଜଳ ଓ ନୂଆ ପ୍ରକାରର ଆଇସକ୍ରିମ୍ ବଜାରକୁ ଆସିବା ଫଳରେ ବଜାରରେ ଓମଫେଡ୍‌ର ଉପସ୍ଥିତି ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ କ୍ଷୀର, ପନିର ଏବଂ ଛେନାରେ ଭେଜାଲ ମିଶ୍ରଣ ନେଇ ଆସୁଥିବା ଖବର ମଧ୍ୟରେ ଗୁଣବତ୍ତା ନେଇ ମନ୍ତ୍ରୀ କହିଛନ୍ତି ଯେ ଓମଫେଡ୍ କଠୋର ଗୁଣବତ୍ତା ମାନକ ବଜାୟ ରଖିଥାଏ ଏବଂ ଏହାର କ୍ଷୀର ପାଇଁ ତିନି-ସ୍ତରୀୟ ଯାଞ୍ଚ ପ୍ରକ୍ରିୟା ଅନୁସରଣ କରାଯାଏ । ଭେଜାଲକୁ ଆଦୌ ଅନୁମତି ଦିଆଯାଏ ନାହିଁ । ଯଦି କୌଣସି ଭେଜାଲ ଧରାପଡ଼େ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ତେବେ ଓମଫେଡ୍ କ୍ଷୀରର ସଂଗ୍ରହ ମୂଲ୍ୟ ଲିଟର ପିଛା ଦୁଇ ଟଙ୍କା ବୃଦ୍ଧି କରାଯିବା ଉପରେ ମନ୍ତ୍ରୀ କହିଛନ୍ତି ଯେ, ଏହି ମୂଲ୍ୟ ସଂଶୋଧନର ଲକ୍ଷ୍ୟ ହେଉଛି ଦୁଗ୍ଧ ଚାଷୀଙ୍କୁ ଉତ୍ତମ ଆୟ ଯୋଗାଇବା ଏବଂ ସେମାନଙ୍କୁ ଅଧିକ ଆତ୍ମନିର୍ଭରଶୀଳ ହେବାରେ ସହାୟତା କରିବା।

# ଆକ୍ସନ ମୋଡ୍‌ରେ ପୁରୀ ପ୍ରଶାସନ; ୩୨ହୋଟେଲକୁ ନୋଟିସ



ପୁରୀ : ଆକ୍ସନ ମୋଡ୍‌ରେ ଜିଲ୍ଲା ପ୍ରଶାସନ। ପୁରୀରେ ବେଆଇନ ନିର୍ମାଣ କରିଥିବା ୩୨ଟି ହୋଟେଲକୁ ନୋଟିସ। ଜମିର କିସମ ପରିବର୍ତ୍ତନ, ନିର୍ମାଣରେ ପ୍ଲାନ୍ ଉଲ୍ଲଂଘନ, ଧାର୍ଯ୍ୟ ଉଚ୍ଚତା ଠାରୁ ଅଧିକ ହେଲେ ଏହାକୁ ବେଆଇନ ଘୋଷଣା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପୁରୀ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛି । ବେଆଇନ ନିର୍ମାଣକୁ ନେଇ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରେ ରାଜ୍ୟ ସରକାର ଆକ୍ସନ ମୋଡକୁ ଆସିଛନ୍ତି। ସେପଟେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ପୁରୀ ଜିଲ୍ଲାପାଳ। ବେଆଇନ୍ ନିର୍ମାଣ ପାଇଁ ୩୨ଟି ହୋଟେଲକୁ ନୋଟିସ କରାଯାଇଛି। ନିୟମ ଅନୁପାଳନ ପାଇଁ କୁହାଯାଇଥିବା କହିଛନ୍ତି ଜିଲ୍ଲାପାଳ। ଅନ୍ୟପଟେ ବେଆଇନ୍ ନିର୍ମାଣାଧୀନ ହୋଟେଲକୁ ଟାଟା ପାୱର କିଭଳି ବିଜୁଳି ସଂଯୋଗ ଦେଲା ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।



# ପ୍ରଥମ ମହିଳା ADC, ଚର୍ଚ୍ଚାରେ ମେଜର ନବ୍ୟା

ରାଷ୍ଟ୍ରପତିଙ୍କ ADC ହେବା ସାଧାରଣ ଦାୟିତ୍ୱ ନୁହେଁ । ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ଔପଚାରିକ ଅନୁଷ୍ଠାନ ଏବଂ ସେନା ସମ୍ପର୍କିତ କାର୍ଯ୍ୟରେ ଇଡିସିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ତେଣୁ ଏହି ପଦ ପାଇଁ ଚୟନ ହେବା ନିଜେ ଏକ ବଡ଼ ସମ୍ମାନ । ହେଲେ ନବ୍ୟାଙ୍କ ଏହି ନିଯୁକ୍ତିର ସବୁଠୁ ବଡ଼ ଖାସିୟତ୍ ? ହେଉଛି ଭାରତୀୟ ସେନାରୁ ରାଷ୍ଟ୍ରପତିଙ୍କ ଇଡିସି ହେବାରେ ସେ ପ୍ରଥମ ମହିଳା ଅଧିକାରୀ । ଏହା ପୂର୍ବରୁ ଆର୍ମିରୁ କୌଣସି ମହିଳା ଅଧିକାରୀ ଏହି ଦାୟିତ୍ୱ ପାଇନଥିଲେ । ନବ୍ୟାଙ୍କ ନିଯୁକ୍ତି ଦେଖାଇଛି ଯେ, ଭାରତୀୟ ସେନାରେ ମହିଳାମାନଙ୍କ ଭୂମିକା ଏବେ କେବଳ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ନାହିଁ । ଯେଉଁଠି ଦାୟିତ୍ୱ ବଡ଼, ସେଠି ମହିଳା ଅଧିକାରୀଙ୍କ ଉପସ୍ଥିତି ମଧ୍ୟ ବଢୁଛି। ତେବେ ଏଠି ରହିଛି ଆଉ ଏକ ରୋଚକ ତଥ୍ୟ । ତିନି ସେନା ସ୍ଥଳସେନା, ନୌସେନା ଓ ବାୟୁସେନାକୁ ମିଶାଇ ଦେଖିଲେ ନବ୍ୟା ପ୍ରଥମ ମହିଳା ଇଡିସି ନୁହନ୍ତି । ୨୦୨୫ରେ ଭାରତୀୟ ନୌସେନାର ଲେଫ୍ଟନାଣ୍ଟ କମାଣ୍ଡର ଯଶସ୍ୱୀ ସୋଲାଙ୍କି ରାଷ୍ଟ୍ରପତିଙ୍କ ଇଡିସି ହୋଇଥିବା ପ୍ରଥମ ମହିଳା ସାମରିକ ଅଧିକାରୀ ହୋଇଥିଲେ । ତେଣୁ ତିନି ସେନାକୁ ମିଶାଇ ଦେଖିଲେ, ନବ୍ୟା ହେଉଛନ୍ତି ଦ୍ୱିତୀୟ ମହିଳା ସାମରିକ ଅଧିକାରୀ, ଯିଏ ରାଷ୍ଟ୍ରପତିଙ୍କ ଇଡିସି ଭାବେ ଦାୟିତ୍ୱ ନେଇଛନ୍ତି। ଗୋଟିଏ ପଟେ ଦେଶର ପ୍ରଥମ ନାଗରିକଙ୍କ ଗରିମା, ଆଉ ଅନ୍ୟପଟେ ଭାରତୀୟ ସେନାର କଠୋର ଶୃଙ୍ଖଳା । ଏହି ଦୁଇଟିର ମଧ୍ୟରେ ନିଜ ଦାୟିତ୍ୱ ତୁଲାଇବେ ମେଜର ନବ୍ୟା ଶେଖାୱତ । ନବ୍ୟାଙ୍କ କାନ୍ଧରେ ଏବେ କେବଳ ଷ୍ଟାର ନୁହେଁ, ରହିଛି ଏକ ନୂଆ ଇତିହାସର ଦାୟିତ୍ୱ । ତାଙ୍କ ନିଯୁକ୍ତି ପ୍ରମାଣ କରୁଛି—ଭାରତୀୟ ସେନାରେ ମହିଳାଙ୍କ ପାଇଁ ଖୋଲୁଛି ନୂଆ ନୂଆ ଦ୍ୱାର । ଆଉ ନବ୍ୟାଙ୍କ ଭଳି ଅଧିକାରୀମାନେ ସେହି ଦ୍ୱାର ଦେଇ ଆଗକୁ ବଢ଼ି ଲେଖୁଛନ୍ତି ସଫଳତାର ନୂଆ କାହାଣୀ ।

# 'ବୀମା ଗ୍ରାମ' ପାଲଟିଲା ନବରଙ୍ଗପୁରର ନେହୁରା

ଦିନ ଥିଲା ଡାକଘର କହିଲେ ଲୋକଙ୍କ ମନକୁ କେବଳ ଚିଠିପତ୍ର ଆଦାନପ୍ରଦାନ ଓ ମନିଅର୍ଡର କଥା ଆସୁଥିଲା । କିନ୍ତୁ ବଦଳୁଥିବା ସମୟ ସହ ଡାକଘରର ପରିଭାଷା ସମ୍ପୂର୍ଣ୍ଣ ବଦଳିଯାଇଛି । ଆଜିର ଡାକଘର ସାଧାରଣ ଖଟିଖିଆ ଲୋକଙ୍କ ଆର୍ଥିକ ସୁରକ୍ଷା ଓ ସ୍ୱଚ୍ଛ ଭବିଷ୍ୟତ ଗଢ଼ିବାର ଏକ ବିଶ୍ୱସନୀୟ ମାଧ୍ୟମ ପାଲଟିଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ନେହୁରା ଶାଖା ଡାକଘର ଅଞ୍ଚଳରେ, ଯେଉଁଠି ପ୍ରଶଂସନୀୟ ଉଦ୍ୟମ ବଳରେ ସମଗ୍ର ଗାଁ ଏବେ 'ବୀମା ଗ୍ରାମ'ର ମାନ୍ୟତା ହାସଲ କରିଛି ।

ସୂଚନା ଅନୁଯାୟୀ, ନେହୁରା ଗାଁରେ ମୋଟ ୪୫୦ଟି ପରିବାର ବସବାସ କରୁଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୨୦୦ ପରିବାର ସଫଳତାର ସହ ବୀମାଭୁକ୍ତ ହୋଇସାରିଛନ୍ତି। ବିଶେଷ କରି ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ରେକର୍ଡ ସଂଖ୍ୟକ ୧୮୦ ଜଣ ନୂଆ ହିତାଧିକାରୀ ବୀମା ଯୋଜନାରେ ସାମିଲ ହୋଇଛନ୍ତି । ଏହି ବଡ଼ ସଫଳତା ପଛରେ ରହିଛି ନେହୁରା ଶାଖା ଡାକଘରର ମହିଳା ପୋଷ୍ଟମାଷ୍ଟର ଲକ୍ଷ୍ମୀପ୍ରିୟା ଜେନାଙ୍କ ନିଷ୍ଠାପର ପରିଶ୍ରମ । ସେ କେବଳ ଅଫିସ୍ କାମରେ ସୀମିତ ନରହି ଖରାତରାକୁ ଖାତିର ନକରି ଘରକୁ ଘର ବୁଲି ଗ୍ରାମବାସୀଙ୍କୁ ବୀମାର ଉପକାରିତା ବିଷୟରେ ସରଳ ଭାଷାରେ ବୁଝାଇଥିଲେ।

ପୂର୍ବରୁ ଘରୋଇ ଏଜେଣ୍ଟ ଓ ଠକାମିକୁ ନେଇ ଗ୍ରାମବାସୀଙ୍କ ମନରେ ଯେଉଁ ଭୟ ଓ ଦ୍ୱନ୍ଦ୍ୱ ରହିଥିଲା, ଲକ୍ଷ୍ମୀପ୍ରିୟା ତାହା ସମ୍ପୂର୍ଣ୍ଣ ଦୂର କରିପାରିଛନ୍ତି । ପୋଷ୍ଟାଲ୍ ଲାଇଫ୍ ଇନ୍‌ସୁରାନ୍ସ ଏବଂ ରୁରାଲ୍ ପୋଷ୍ଟାଲ୍ ଲାଇଫ୍ ଇନ୍‌ସୁରାନ୍ସ ମାଧ୍ୟମରେ ସୁଲଭ କିସ୍ତିରେ ଏଠାରେ ସେବା ଯୋଗାଇ ଦିଆଯାଉଛି । ଡାକଘରରେ ପ୍ରିମିୟମ ଜମା କଲା ମାତ୍ରେ ତତ୍କାଳ ପ୍ରମାଣପତ୍ର ଓ ମୋବାଇଲକୁ ମେସେଜ୍ ଆସୁଥିବାରୁ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ଦ୍ୱିଗୁଣିତ ହୋଇଛି । ପଞ୍ଚାୟତର ଜନପ୍ରତିନିଧି ଏବଂ ଆଶାକର୍ମୀଙ୍କ ସକ୍ରିୟ ସହଯୋଗ କ୍ରମେ ନେହୁରା ଗାଁ ଆଜି ସରକାରୀ ସ୍ତରରେ 'ବୀମା ଗ୍ରାମ' ଭାବେ ଘୋଷିତ ହୋଇଛି । ତେବେ ପୋଷ୍ଟମାଷ୍ଟରଙ୍କ ଲକ୍ଷ୍ୟ କେବଳ ଗୋଟିଏ ଗାଁରେ ଅଟକି




ନାହିଁ; ଆଗାମୀ ଦିନରେ ସମଗ୍ର ପଞ୍ଚାୟତର ପ୍ରତ୍ୟେକ ପରିବାରକୁ ବୀମା ସୁରକ୍ଷା ବଳୟ ମଧ୍ୟକୁ ଆଣି ଏହାକୁ ଏକ 'ସମ୍ପୂର୍ଣ୍ଣ ବୀମାଭୁକ୍ତ ପଞ୍ଚାୟତ'ରେ ପରିଣତ କରିବାକୁ ସେ ଅଣ୍ଟା ଭିଡ଼ିଛନ୍ତି । ଜଣେ ମହିଳା କର୍ମଚାରୀଙ୍କ ଏଭଳି ନିଷ୍ଠା ଓ ସେବା ମନୋଭାବ ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ୯୦ରୁ ଅଧିକ ଭାଙ୍ଗିଛି ହାଡ଼, ୩୦ଟି ଅପରେସନ୍...

# ତଥାପି ଜିତିଲେ ୧୬ଟି ସ୍ୱର୍ଣ୍ଣ ପଦକ

*ସେ ଜଣେ ଏମିତି ଖେଳାଳି, ଯିଏ ନିଜ କ୍ୟାରିୟରରେ ଅନେକ ଥର ମୃତ୍ୟୁ ମୁହଁରୁ ଫେରିଛନ୍ତି । ବିନା ପାରାଚୁଟ୍‌ରେ ଉଡ଼ାଜାହାଜରୁ ଡେଇଁବା ହେଉ କିମ୍ବା ନିଜର ୩୦ରୁ ଅଧିକ ଅପରେସନ୍ କରାଇ ଥିବା ହେଉ , ଏହି ଖେଳାଳିଙ୍କ ସାହସ ସମସ୍ତଙ୍କୁ କରିଛି ଆଶ୍ଚର୍ଯ୍ୟ । ସେଥିପାଇଁ ତାଙ୍କୁ କୁହାଯାଉଛି ସେ ଖେଳାଳି ନା ମୃତ୍ୟୁକୁ ମାତ୍ ଦେଇଥିବା ବାଜିଗର ।*



**ନୂଆଦିଲ୍ଲୀ :** ସେ ଜଣେ ଏମିତି ଖେଳାଳି, ଯିଏ ନିଜ କ୍ୟାରିୟରରେ ଅନେକ ଥର ମୃତ୍ୟୁ ମୁହଁରୁ ଫେରିଛନ୍ତି । ବିନା ପାରାଚୁଟ୍‌ରେ ଉଡ଼ାଜାହାଜରୁ ଡେଇଁବା ହେଉ କିମ୍ବା ନିଜର ୩୦ରୁ ଅଧିକ ଅପରେସନ୍ କରାଇ ଥିବା ହେଉ , ଏହି ଖେଳାଳିଙ୍କ ସାହସ ସମସ୍ତଙ୍କୁ କରିଛି ଆଶ୍ଚର୍ଯ୍ୟ । ସେଥିପାଇଁ ତାଙ୍କୁ କୁହାଯାଉଛି ସେ ଖେଳାଳି ନା ମୃତ୍ୟୁକୁ ମାତ୍ ଦେଇଥିବା ବାଜିଗର । ନିଜ କ୍ୟାରିୟରରେ ୯୦ରୁ ଅଧିକ ଥର ହାଡ଼ ଭାଙ୍ଗିବା ପରେ ବି ସେ ହାର୍ ମାନି ନାହାନ୍ତି ଏବଂ ୧୬ଟି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି । ଏହି ଖେଳାଳି ଜଣକ ହେଉଛନ୍ତି ଆମେରିକାର ପେସାଦାର ଆଥଲେଟ୍ ଟ୍ରାଭିସ୍ ପାଷ୍ଟ୍ରାନା ।

ଫ୍ରି-ଷ୍ଟାଇଲ୍ ମୋଟୋକ୍ରସ୍, ରାଲି ରେସିଂ, ନାସକାର୍ ଓ ଷ୍ଟଣ୍ଟ ଜଗତରେ ପାଷ୍ଟ୍ରାନା ଜଣେ ଚର୍ଚ୍ଚିତ ଚେହେରା । ନିକଟରେ ସୋସିଆଲ ମିଡିଆରେ ତାଙ୍କର ଏକ କଥିତ ଫୁଲ୍-ବଡି ଏକ୍ସ-ରେ ଭାଇରାଲ ହୋଇଛି । ଏହା ପରେ ପୁଣି ଥରେ ସେ ଚର୍ଚ୍ଚାର ପରିସରକୁ ଆସିଛନ୍ତି । ଏହି ଏକ୍ସ-ରେକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି । ଆଉ କହୁଛନ୍ତି ,ଏତେ ଆଘାତ ପରେ ବି ଜଣେ ମଣିଷ କିପରି ଜୀବିତ ଅଛି ? ହେଲେ ଏହି ଏକ୍ସ-ରେ ସତରେ ତାଙ୍କର କି ନୁହେଁ, ତାହା ସ୍ପଷ୍ଟ ହୋଇ ନାହିଁ ।



ସୂଚନା ଆଧାରରେ , ଟ୍ରାଭିସ୍ ପାଷ୍ଟ୍ରାନାଙ୍କ କ୍ୟାରିୟରରେ ୯୦ରୁ ଅଧିକ ଥର ହାଡ଼ ଭାଙ୍ଗିଛି । ୩୦ଟି ବଡ଼ ଅପରେସନ୍ ହୋଇଛି, ଯେଉଁଥିରୁ କେବଳ ୧୫ଟି ଅପରେସନ୍ ତାଙ୍କ ଆଣ୍ଠୁର ହୋଇଛି । ୭ ଥର ଉକ୍ସସ୍ୱଷ୍ପ ଭାଙ୍ଗିବା ସହ ଇଉଖ, ଚଉଖ ଏବଂ ଖଉଖ ଅନେକ ଥର ନଷ୍ଟ ହୋଇଛି । ଏହା ବ୍ୟତୀତ ସେ ୨୫ ଥର ଗୁରୁତର ମୁଣ୍ଡ ଆଘାତ (Concussions)ର ଶିକାର ହୋଇଛନ୍ତି । ପାଖାପାଖି ୧୪ ବର୍ଷ ବୟସରେ ତାଙ୍କର ଏକ ଭୟଙ୍କର ଦୁର୍ଘଟଣା ହୋଇଥିଲା । ୧୯୯୮ରେ ଏକ ଜମ୍ପ ଖରାପ ହେବା ଯୋଗୁଁ ତାଙ୍କର ସ୍ପାଇନ ପେଲଭିସରୁ ଅଲଗା ହୋଇ ଯାଇ ଥିଲା । ଏହିପରି ଆଘାତ ପରେ ଆମେରିକାରେ ମାତ୍ର ୩ ଜଣ ଲୋକ ଜୀବିତ ବଞ୍ଚି ଥିଲେ, ଯେଉଁଥିରୁ ପାଷ୍ଟ୍ରାନା ଜଣେ । ଏହି ସମୟରେ ସେ ୨ ସପ୍ତାହ ଅଚେତ ରହି ଥିଲେ, ୬ ଥର ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ହୋଇଥିଲା ଏବଂ ଏହି ଆଘାତ ଯୋଗୁଁ ତାଙ୍କୁ ୫ ମାସ ପର୍ଯ୍ୟନ୍ତ ହ୍ୱିଲ୍ ଚେୟାରରେ ବିତାଇବାକୁ ପଡ଼ି ଥିଲା । ୨୦୦୭ ମସିହାରେ ସେ ବିନା ପାରାଚୁଟରେ ପ୍ଲେନକୁ ଡେଇଁ ଆକାଶ ମାର୍ଗରେ ଅନ୍ୟ ଜଣେ ଜମ୍ପରଙ୍କ ସହ ଯୋଡ଼ି ହୋଇ ସୁରକ୍ଷିତ ଓହ୍ଲାଇ ଥିଲେ । ଟ୍ରାଭିସ୍ ପାଷ୍ଟ୍ରାନାଙ୍କ କ୍ରୀଡ଼ା ସଫଳତା କଥା ବିଷୟରେ ଯଦି କହିବା ତ , ସେ ନିଜ କ୍ୟାରିୟରରେ ମୋଟ ୧୬ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ଏକ୍ସ ଗେମ୍ସ କ୍ୟାରିୟରରେ ମୋଟ ୧୧ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି, ଯେଉଁଥିରେ ୭ଟି ଫ୍ରି-ଷ୍ଟାଇଲ୍ ମୋଟୋକ୍ରସ୍/ରଗଢ, ୨ଟି ରାଲି ରେସିଂ, ୧ଟି ମୋଟୋ ଢ ବେଷ୍ଟ ଟ୍ରିକ୍, ୧ଟି ମୋଟୋ X ସ୍ପୀଡ୍ ଆଣ୍ଡ ଷ୍ଟାଇଲ୍ ରହିଛି । ଏହା ବ୍ୟତୀତ ଗ୍ରାଭିଟି ଗେମ୍ସରେ ସେ ୧୯୯୯ରୁ ୨୦୦୬ ମଧ୍ୟରେ ୫ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

# ଇଞ୍ଜିନିୟରିଂ ପାଠ ସହ କରୁଛନ୍ତି ଛତୁ ଚାଷ



ୟୁଟ୍ୟୁବ୍ ଦେଲା ପ୍ରେରଣା, ଆଉ ଛତୁ ଚାଷ ଦେଖାଇଲା ରୋଜଗାରର ରାସ୍ତା । ପାଠପଢ଼ା ସହ ଛତୁ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ଦୁଇରୁ ତିନି ଜଣଙ୍କୁ ରୋଜଗାର ଦେଉଛନ୍ତି ଗଞ୍ଜାମ ଖଲ୍ଲିକୋଟର ଇଞ୍ଜିନିୟରିଂ ଛାତ୍ର ବିକାଶ ତରାଇ ।

୬ ହଜାର ସ୍କୋୟାରଫୁଟ୍‌ର ଜାଗା । ଆଉ ଏହି ସ୍ଥାନରେ ଜାଗାରେ ବେଶ୍ ତତ୍ପରତାର ସହ ହେଉଛି ଛତୁ ଚାଷ । କେଜିଏ କି ଦୁଇ କେଜି ନୁହେଁ, ଦୈନିକ ଉତ୍ପାଦନ ହେଉଛି ପ୍ରାୟ ୪୦ରୁ ୬୦ କେଜି ଛତୁ । ଆଉ ଏହି ଛତୁ ଚାଷ ହିଁ ଗଞ୍ଜାମ ଖଲ୍ଲିକୋଟ ବ୍ଲକ୍ କନକା ଗାଁର ଇଞ୍ଜିନିୟରିଂ ଛାତ୍ର ବିକାଶ ତରେଇଙ୍କୁ କରିପାରିଛି ସ୍ୱାବଲମ୍ବୀ । ତୃତୀୟ ବର୍ଷ ଇଲେକ୍ଟ୍ରୋନିକ୍ସ ବିଭାଗର ଛାତ୍ର ବିକାଶ ଦିନେ ମୋବାଇଲ୍‌ରେ ୟୁଟ୍ୟୁବ୍ ଦେଖୁଥିବା ବେଳେ ଛତୁ ଚାଷ ସମ୍ପର୍କରେ ଜାଣିବାକୁ ପାଇଥିଲେ । ଏହାପରେ ମନରେ ଦୃଢ଼ ସଂକଳ୍ପ ନେଇ ଛତୁ ଚାଷ କରିବାକୁ ମନସ୍ଥ କରିଥିଲେ । ପ୍ରାୟ ୮ ମାସ ତଳେ ଜଣଙ୍କ ଜମିକୁ ଲିଜ୍‌ରେ ନେଇ ଆରମ୍ଭ କରିଥିଲେ ଉଦ୍ୟମ । ଏବେ ପାଠପଢ଼ା ସହ ଏଥିରୁ ଦୈନିକ ପ୍ରାୟ ୧୪ରୁ ୧୫ ହଜାର ଟଙ୍କାର ଛତୁ ବିକ୍ରି କରି ପକେଟ୍ ଭରୁଛନ୍ତି ବିକାଶ ।

କେବଳ ଛତୁ ବିକ୍ରି ନୁହେଁ, ମଞ୍ଜିର ମଧ୍ୟ ରହିଛି ଭୀଷଣ ଚାହିଦା । ବିକାଶଙ୍କ ଫାର୍ମରେ ଛତୁ ସହ ଛତୁ ମଞ୍ଜି ମଧ୍ୟ ଅର୍ଡର ଅନୁସାରେ ପ୍ରସ୍ତୁତ କରାଯାଇ ଜିଲ୍ଲା ଓ ଜିଲ୍ଲା ବାହାରର ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଉଛି । ଏହି ଫାର୍ମରୁ ଉତ୍ପାଦିତ ଛତୁ ଖଲ୍ଲିକୋଟ ବଜାର ସମେତ ବାଲୁଗାଁ ଓ ଟାଙ୍ଗୀ ଅଞ୍ଚଳକୁ ମଧ୍ୟ ଯାଉଛି । ଦୁଇରୁ ତିନି ଜଣ ସ୍ଥାନୀୟ ଲୋକ ଏହି ଫାର୍ମରେ କାମ କରି ନିଜ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଛନ୍ତି । ଛତୁ ଚାଷ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବିଭିନ୍ନ ଅଞ୍ଚଳରୁ ଆଣି ସଫଳତାର ସହ ଫାର୍ମ ଚଳାଉଛନ୍ତି ବିକାଶ । ଆଗକୁ ସରକାରୀ ସହାୟତା ମିଳିଲେ ଫାର୍ମକୁ ଆହୁରି ବଡ଼ କରିବା ସହ ଅଧିକ ଯୁବକଙ୍କୁ ରୋଜଗାର ଯୋଗାଇପାରନ୍ତେ ବୋଲି ଆଶା ରଖିଛନ୍ତି ।

# ୨୩ ବର୍ଷରେ ମର୍ଡର ; ୬୫ବର୍ଷରେ ଗିରଫ



କୁହନ୍ତି କର୍ମର ଫଳ ମଣିଷକୁ ଏହି ଜନ୍ମରେ ହିଁ ଭୋଗିବାକୁ ପଡ଼େ । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଆସିଛି ଦିଲ୍ଲୀରୁ । ପରିବା ବଜାରରେ କାମ କରୁଥିବା ୬୫ ବର୍ଷର ଲୋକଟାକୁ ଦିନ ଦ୍ୱିପ୍ରହରରେ ଉଠାଇ ଆଣିଲା ଦିଲ୍ଲୀ ପୁଲିସ୍ । ଘଟଣା କ'ଣ ବୁଝୁ ବୁଝୁ ଖୋଲିଲା ଅତୀତର ଅପରାଧ ଫର୍ଦ୍ଦ । ୧୯୮୪ ମସିହା ମେ' ୨୨ ଏବଂ ୨୩ ତାରିଖ ରାତିରେ କିଛି ଏମିତି ଘଟିଥିଲା ଯାହାର ଫଳ ଏବେ ଭୋଗୁଛନ୍ତି ମୁହଁରେ ଗାମୁଛା ଗୁଡ଼ାଇଥିବା ଏହି ଅଭିଯୁକ୍ତ । ସତ କୁହନ୍ତି, ଅପରାଧ ଯେତେ ପୁରୁଣା ହେଉନା କାହିଁକି ଆଇନର ଲମ୍ବା ହାତରୁ ବଞ୍ଚିବା ସହଜ ନୁହେଁ । ୧୯୮୪ ମସିହାରେ ଅଭିଯୁକ୍ତ ନଥୁକୁ ଯେତେବେଳେ ୨୩ ବର୍ଷ ହୋଇଥିଲା ସେତେବେଳେ ସେ ଗୋଟିଏ ହତ୍ୟାକାଣ୍ଡ ଭିଆଇଥିଲା ଏବଂ ପୁଲିସ୍ ଆଖିରେ ଧୂଳି ଦେବାରେ ମଧ୍ୟ ସଫଳ ହୋଇଥିଲା । କିନ୍ତୁ ଦୀର୍ଘ ୪୨ ବର୍ଷ ପରେ ସେ ପୁଲିସ୍ ପଞ୍ଝାରେ ଏମିତି ଫସିବ ବୋଲି କେବେ ବି କଳ୍ପନା କରିନଥିବ ।

ଘଟଣାଟି ଥିଲା କିଛି ଏମିତି ପଶ୍ଚିମ ବିକାଶପୁରୀ ଅଞ୍ଚଳସ୍ଥିତ ଡିଷ୍ଟ୍ରିକ୍ଟ ପାର୍କରୁ ଅଶୋକ କୁମାର ନାମକ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର କରାଯାଇଥିଲା । ତାଙ୍କୁ ଛୁରୀ ଭୁସି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ ଅଶୋକଙ୍କ ସହ ତାଙ୍କ ଗାଁର ବିଭୂତି ପ୍ରସାଦଙ୍କ ଶତ୍ରୁତା ଥିଲା । ବିଭୂତିଙ୍କ ସ୍ତ୍ରୀଙ୍କ ସହ ଅଶୋକଙ୍କ କିଛି ସମ୍ପର୍କକୁ ନେଇ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା । ତେଣୁ ବିଭୂତି ଓ ତାଙ୍କ ବନ୍ଧୁ ନଥୁ ମିଶି ନିଶାସକ୍ତ ଅବସ୍ଥାରେ ଅଶୋକଙ୍କୁ ହତ୍ୟା କରିବାର ଯୋଜନା କରିଥିଲେ । ଘଟଣା ପରେ ପୁଲିସ ବିଭୂତିଙ୍କୁ ଗିରଫ କରିଥିଲେ ବି ନଥୁ ଚତୁରତାର ସହ ଫରାର୍ ହୋଇଯାଇଥିଲା ।

## ଘରୋଇ ଚିକିତ୍ସା

### ଚୁଟି ଯଦି ଉପୁଡୁଛି...

- ଚୁଟିରେ କାକୁଡି ରସ ମାଲିସ୍ କଲେ ଓ ଅଧଘଣ୍ଟା ପରେ ଗାଧୋଇଲେ କିଛି ଦିନରେ ଚୁଟି ଉପୁଡିବା ବନ୍ଦ ହୋଇଯାଇ ଉପୁଡିଯାଇଥିବା ଜାଗାରେ ନୂଆ ଚୁଟି ଆସିଥାଏ ।
- ବନ୍ଧାକୋବି ଅଧିକ ମାତ୍ରାରେ ଖାଇଲେ ଚୁଟି ଉପୁଡିଥାଏ । କିନ୍ତୁ କମ୍ ମାତ୍ରାରେ ଖାଇଲେ ଚୁଟି ଉପୁଡିବା ବନ୍ଦ ହୋଇଥାଏ ।
- ନିୟମିତ ରୂପେ ବାଇଗଣ ଖାଇଲେ ଚୁଟି ଉପୁଡିବା ବନ୍ଦ ହୋଇଯାଏ ଓ ନୂଆ ଚୁଟି ଉଠିବାରେ ସାହାଯ୍ୟ କରିଥାଏ ।
- ଚୁଟି ଝଡୁଥିଲେ କନିଅର ଚେର ଓ ଲାଉ (ମିଠା) ୧୦-୧୦ ଗ୍ରାମ ମାତ୍ରାରେ ନେଇ ବାଟି କ୍ଷୀରରେ (କଞ୍ଚା) ମିଶାଇ ଚୁଟି ମୂଳରେ ଲଗାନ୍ତୁ ଓ ଏକ ଘଣ୍ଟା ପରେ ଗାଧାନ୍ତୁ ।
- ଲେମ୍ବୁରସ ଚୁଟି ମୂଳରେ ମାଲିସ୍ କଲେ ଚୁଟି ଝଡିବା ଓ ପାଚିବା ବନ୍ଦ ହୋଇଥାଏ ।
- ନିୟମିତ ରୂପେ ଚୁଟି ମୂଳରେ ଦେଶୀ ପିଆଜ ରସ ଲଗାଇଲେ କିଛି ଦିନରେ ଚୁଟି ଉପୁଡା ବନ୍ଦ ହୋଇ ନୂଆ ଚୁଟି ଆସିବା ସହିତ ଚୁଟି ଲମ୍ବା ମଧ୍ୟ ହୋଇଥାଏ ।
- ଲଙ୍କାମନ୍ଦାର ବା ମରିଚମନ୍ଦାର ଫୁଲ ଓ ପତ୍ର ୧୦-୧୦ଟି ନେଇ ବାଟି ୨୫୦ମି.ଲି. ରାଶି ତେଲରେ ପକାଇ ଗରମ କରନ୍ତୁ, ଜଳୀୟ ଅଂଶ ମରିଗଲା ପରେ ଥଣ୍ଡାକରି କପଡାରେ ଛାଣି ରଖନ୍ତୁ । ପ୍ରତିଦିନ ସନ୍ଧ୍ୟାରେ ଚୁଟି ମୂଳରେ ମାଲିସ କରି ପରଦିନ ସକାଳେ କୌଣସି ଆୟୁର୍ବେଦିକ୍ ଶାମ୍ପୋ ଦ୍ୱାରା ଚୁଟିକୁ ଧୋଇଲେ କିଛି ଦିନରେ ଚୁଟି ଉପୁଡିବା ବନ୍ଦ ହୋଇ ନୂଆ ଚୁଟି ଉଠିଥାଏ ।
- ଅଁଳାକୁ ବାଟି ଚୁଟି ମୂଳରେ ଲଗାଇ ଶୁଖିଗଲା ପରେ ଖରାଦିନରେ ଥଣ୍ଡା ପାଣିରେ ଓ ଶୀତଦିନରେ ଉଷୁମ ପାଣିରେ ଚୁଟି ଧୁଅନ୍ତୁ ।
- ମେଥିକୁ ବାଟି ମୁଣ୍ଡରେ ଲଗାଇ ଘଣ୍ଟାକ ପରେ ରିଠା ଫଳ ଭିଜା ପାଣିରେ ମୁଣ୍ଡକୁ ଧୁଅନ୍ତୁ ।
- ନଡିଆ ତେଲରେ ଲେମ୍ବୁରସ ମିଶାଇ ଲଗାଇଲେ ଚୁଟି ଉପୁଡିବା ବନ୍ଦ ହୋଇଥାଏ ।



# ବୁଲେଟ୍‌ର ତ୍ରାଣକର୍ତ୍ତା

*୨୦୨୧ରୁ ପ୍ରମୁଖ ଆକର୍ଷଣ ପାଲଟିଛି ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ମଡେଲ । ତେବେ ୨୧ବର୍ଷ ତଳେ ବୁଲେଟ୍‌ର କାହାଣୀ ଥିଲା ଭିନ୍ନ । ଏହା ଇତିହାସ ପାଲଟିବାକୁ ବସିଥିବା ବେଳେ ଉଦ୍ଧାର କରିଥିଲେ ସିଦ୍ଧାର୍ଥ ଲାଲ୍ । ତାଙ୍କୁ ଆଇଶର୍ ମୋଟର୍ସର ପରିଚାଳାନା ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ଦିଆଯାଇଛି ।*



ସିଦ୍ଧାର୍ଥ ଲାଲ୍‌ଙ୍କ ମତରେ ମଟର ସାଇକେଲ ଏପରି ହେବା ଜରୁରୀ ଯାହା ଚାଳକଙ୍କ ସହ ସାରାଜୀବନ ରହିପାରୁଥିବ ଏବଂ ସେ ଏହା ତାଙ୍କ ପରପିଢିଙ୍କୁ ଦେବା ବେଳେ ସେମାନେ ବି ଖୁସି ହୋଇପାରୁଥିବେ । ୨୦୦୪ ଜାନୁଆରୀରେ ସିଦ୍ଧାର୍ଥ ଆଇଶର ମୋଟର୍ସର ସିଇଓ ଭାବେ ଦାୟିତ୍ୱ ନେଇଥିଲେ । ସେତେବେଳେ ଏହି ଗ୍ରୁପ୍ ୧୫ଟି ବ୍ୟବସାୟ କ୍ଷେତ୍ରରେ ଜଡିତ ଥିଲା । ସେ ୧୩ଟିକୁ ବନ୍ଦ କରି କେବଳ ରୟାଲ ଏନ୍‌ଫିଲ୍ଡ ଏବଂ ଟ୍ରକ୍ ଉପରେ ଧ୍ୟାନ ଦେଲେ ।

ଏନ୍‌ଫିଲ୍ଡର ଇତିବୃତ୍ତି : ୧୮୯୧ ମସିହାରେ ବବ୍ ୱାକର୍ ସ୍ମିଥ୍ ଏବଂ ଆଲବର୍ଟ ଏଡ଼ି ଜର୍ଜଟାଉନ୍‌ସେଣ୍ଡ ଆଣ୍ଡ କମ୍ପାନୀ ଅଫ୍ ହଣ୍ଟ ଆଣ୍ଡ, ରେଡ୍‌ଡିଚ୍‌କୁ କିଣିଲେ । ସେତେବେଳେ ଏଠାରେ ସାଇକଲ ନିର୍ମାଣ କରାଯାଉଥିଲା । ୧୮୯୩ରେ କମ୍ପାନୀର ନାମ ବଦଳିବା ସହ ବବ୍ ଡିଜାଇନ୍ କରିଥିବା ପ୍ରଥମ ସାଇକଲକୁ ଏନ୍‌ଫିଲ୍‌ଡ ବୋଲି ନାମିତ କରାଗଲା । ଏହାର ପାଞ୍ଚବର୍ଷ ପରେ ମଟରଚାଳିତ ଯାନ କ୍ୱାଡ୍ରିସାଇକଲ ଡିଜାଇନ୍ କରିଥିଲେ ସେମାନେ । ଏଥିରେ ୧/୨ ଏଚ୍‌ପିଡି ଡାୟୋନ୍ ଇଞ୍ଜିନ୍ କରାଯାଇଥିଲା । ୧୯୦୦ରେ ରୟାଲ ଏନ୍‌ଫିଲ୍‌ଡ ମୋଟରସ୍ପୋର୍ଟସକୁ ଆସିଲା । ଏହା ଏକ କ୍ୱାଡ୍ରିସାଇକଲ ପ୍ରଥମ ୧୦୦୦ ମାଇଲ ଟ୍ରାଏଲ୍‌ରେ ପ୍ରବେଶ ଅନୁମତି ପାଇଲା । ୧୯୦୧ରେ ରୟାଲ ଏନ୍‌ଫିଲ୍‌ଡ ଉତ୍ପାଦନ ଆରମ୍ଭ ହେଲା । ଏଥିରେ ହ୍ୟାଣ୍ଡଲ ସାମ୍ନାରେ ୧/୨ ଏଚ୍‌ପିର ଇଞ୍ଜିନ ଦିଆଯାଇ ଇଞ୍ଜିନ୍ ସହ ପଛଚକ ବେଲ୍‌ଟରେ ସଂଯୁକ୍ତ କରାଯାଇଥିଲା । ୧୯୩୨ରେ ବୁଲେଟ୍ ଜନ୍ମ ନେଲା । ୨୫୦, ୩୫୦ ଏବଂ ୫୦୦ ସିସି ଇଞ୍ଜିନ ସହିତ ଆସିବା ସହ ସେହିବର୍ଷ ନଭେମ୍ବରରେ ଲଣ୍ଡନରେ ହେଉଥିବା ଅଲିମ୍ପିଆ ମଟରସାଇକେଲ୍ ଶୋ'ରେ ପ୍ରଦର୍ଶିତ ହୋଇଥିଲା । ୧୯୫୨ରେ ରୟାଲ ଏନ୍‌ଫିଲ୍‌ଡର ମାଡ୍ରାସ ସ୍ପୋର୍ଟସକୁ ଭାରତୀୟ ସେନା ୩୫୦ ସିସିର ୫୦୦ଟି ବୁଲେଟ୍ ଯୋଗାଇବା ପାଇଁ ଅର୍ଡର ଦେଇଥିଲା । ଚେନ୍ନାଇର ତିରୁଭୋଜିୟୁରଠାରେ ୧୯୫୬ ମସିହାରେ କାରଖାନା ଖୋଲି ବୁଲେଟ୍ ନିର୍ମାଣ ଆରମ୍ଭ ହେଲା । ବର୍ଷକୁ ଏଠାରେ ୧୬୩ଟି ବୁଲେଟ୍ ନିର୍ମାଣ କରାଯାଇପାରୁଥିଲା । ୧୯୯୩ ମସିହାରେ ପ୍ରଥମଥର ପାଇଁ ବୁଲେଟ୍‌ରେ ଡିଜେଲ୍ ଇଞ୍ଜିନ ଦିଆଗଲା ଏବଂ ପରବର୍ଷ ୧୯୯୪ରେ ବାଣିଜ୍ୟିକ ଯାନ ତଥା ଟ୍ରାକ୍ଟର ନିର୍ମାତା ଆଇଶର ଗ୍ରୁପ୍ ଏନ୍‌ଫିଲ୍‌ଡ ଇଣ୍ଡିଆ ଲିମିଟେଡ ଅଧିଗ୍ରହଣ କଲା । ୨୦୦୧ ମସିହାରେ ଭାରତୀୟ ସେନାର ୨୦୧ ଯବାନ ୩୫୦ସିସି ବୁଲେଟ୍‌ରେ ମାନବ ପିରାମିଡ ପ୍ରସ୍ତୁତ କରି ୨୦୦ ମିଟରରୁ ଅଧିକ ଦୂରତା ଅତିକ୍ରମ କରିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ । ବୁଲେଟ୍ ତା'ର ସଫଳତା ପଥରେ ଆଗଉଥିଲା । ଅବଶ୍ୟ ଏହା ସାଧାରଣ ଲୋକଙ୍କ ପାଖରେ ଆଦୃତ ହେବା କଷ୍ଟକର ହେଉଥିଲା । ୧୯୫୫ ମସିହାରେ ଭାରତ ଆସିଥିବା ରୟାଲ ଏନ୍‌ଫିଲ୍‌ଡ କମ୍ପାନୀ ୨୦୦୦ମସିହା ବେଳକୁ ଏପରି ଅବସ୍ଥାରେ ପହଞ୍ଚିଯାଇଥିଲା ଯେ ଏହାର ବରିଷ୍ଠ ଅଧିକାରୀମାନେ କମ୍ପାନୀ ବନ୍ଦ କରିବାର ପରାମର୍ଶ ଦେଲେ । ତେବେ ଅଧ୍ୟକ୍ଷ ବିକ୍ରମ ଲାଲ୍‌ଙ୍କ ୨୬ବର୍ଷର ପୁଅ ସିଦ୍ଧାର୍ଥ ୨ବର୍ଷ ସମୟ ମାଗିଥିଲେ । ଏହି ୨ବର୍ଷ ମଧ୍ୟରେ ସେ ବହୁ କଠିନ ନିଷ୍ପତ୍ତି ନେଇ କମ୍ପାନୀକୁ ପୁଣି ସଫଳତା ପଥକୁ ଫେରାଇନେଲେ । ଯୁବପିଢିଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଲେଟ୍‌ରେ ପରିବର୍ତ୍ତନ କରିବା ସହ ବଜାରରେ ରୟାଲ ଏନ୍‌ଫିଲ୍‌ଡର ସ୍ଥିତି ସୁଦୃଢ କରାଇପାରିଛନ୍ତି ସେ । ବୁଲେଟ୍‌କୁ ଯୁବପିଢିଙ୍କ ପସନ୍ଦ ଅନୁଯାୟୀ କରିବା ଲାଗି ସିଦ୍ଧାର୍ଥ ନିଜେ ହଜାର ହଜାର କିଲୋମିଟର ବୁଲେଟ୍ ଚଳାନ୍ତି । ୨୧ବର୍ଷ ମଧ୍ୟରେ ସେ ଏହାର ଶେୟାର ୪୮ଟଙ୍କାରୁ ୨୬୭୪ଟଙ୍କାକୁ ବଢାଇ ପାରିଛନ୍ତି । ଫଳରେ କେତେ ଅଭୁଲା କାହାଣୀ ମଧ୍ୟରେ ସିଦ୍ଧାର୍ଥଙ୍କ ପ୍ରସଙ୍ଗ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ।





## ପାକିସ୍ତାନ ଋଣ କରିଛି ଯେତିକି

# ଜଣେ ଭାରତୀୟଙ୍କ ମାସିକ ଦରମା ସେତିକି



**ନୂଆଦିଲ୍ଲୀ :** ଆପଣ କେବେ କଳ୍ପନା କରିଛନ୍ତି କି, ଦୁନିଆର ସବୁଠୁ ଶକ୍ତିଶାଳୀ ଟେକ୍ନୋଲୋଜି କମ୍ପାନିର ମୁଖ୍ୟ କେତେ ଦରମା ପାଉଥିବେ ? ଆମେ କହୁଛୁ ଆମ ଭାରତର ଗର୍ବ ତଥା ଗୁଗୁଲ୍ ସିଇଓ ସୁନ୍ଦର ପିଚାଇଙ୍କ କାହାଣୀ । ସାଧାରଣତଃ ଆମେ ମାସକୁ କିମ୍ବା ବର୍ଷକୁ କିଏ କେତେ କମାଉଛି ତାର ହିସାବ କରୁ, କିନ୍ତୁ ସୁନ୍ଦର ପିଚାଇଙ୍କ ଦରମା ଶୁଣିଲେ ଆପଣଙ୍କ ପାଦ ତଳୁ ମାଟି ଖସିଯିବ । ବର୍ଷ କିମ୍ବା ମାସ ନୁହେଁ ବରଂ ଗୋଟିଏ ଦିନ ଓ ଗୋଟିଏ ଘଣ୍ଟାରେ ସେ ଯେତିକି ଟଙ୍କା ସାଲାରି ପାଉଛନ୍ତି ତାହା ଜଣେ ସାଧାରଣ ଲୋକ ସାରା ଜୀବନରେ ବି ପାଇବା ଅସମ୍ଭବ । ଆସନ୍ତୁ ପିଚାଇଙ୍କ ବର୍ତ୍ତମାନର ସାଲାରି ପ୍ୟାକେଜକୁ ନେଇ ଟିକିନିଖି ହିସାବ କରିବା ।

ଗୁଗୁଲ୍ ସିଇଓ ସୁନ୍ଦର ପିଚାଇଙ୍କ ଆକାଉଣ୍ଟରେ ଘଣ୍ଟାକୁ ଘଣ୍ଟାକୁ ଟଙ୍କାର ବର୍ଷା ହେଉଛି । ମାର୍ଚ୍ଚ ମାସରେ ତାଙ୍କ ପାଇଁ ଯେଉଁ ମେଗା ସାଲାରି ପ୍ୟାକେଜ୍ ଘୋଷଣା ହୋଇଥିଲା, ଏବେ ସେହି ହିସାବରେ ତାଙ୍କୁ ପ୍ରତି ମାସରେ ଦରମା ମିଳୁଛି । କମ୍ପାନି ଆଗାମୀ ୩ ବର୍ଷ ପାଇଁ ତାଙ୍କ ପାଇଁ ମୋଟ ୬୯୨ ନିୟୁତ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୬ ହଜାର ୩୦୦ କୋଟି ଟଙ୍କାର ପ୍ୟାକେଜ୍ ଦେଉଛି । ଶୁଣିବାକୁ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି, ଏହାର ଟିକିନିଖି ହିସାବ କଲେ ଆପଣ ଆହୁରି ହତବାକ୍ ହୋଇଯିବେ । ସୁନ୍ଦର



ପିଚାଇ ଏବେ ପ୍ରତି ମୁହୂର୍ତ୍ତରେ, ପ୍ରତି ସେକେଣ୍ଡରେ କୋଟି କୋଟି ଟଙ୍କାର ମାଲିକ ହେଉଛନ୍ତି।

ଆପଣ ବିଲକୁଲ୍ ଠିକ୍ ଶୁଣୁଛନ୍ତି, ଦିନକୁ ପାଖାପାଖି ୬ କୋଟି ଟଙ୍କା ତାଙ୍କୁ ଏବେ ମିଳୁଛି । ଯଦି ଆମେ ଏହାକୁ ଘଣ୍ଟା ହିସାବରେ ଦେଖିବା, ତେବେ ପ୍ରତି ଘଣ୍ଟାରେ ସେ ପ୍ରାୟ ୨୪ ଲକ୍ଷ ଟଙ୍କା ପାଉଛନ୍ତି ପିଚାଇ । ଆପଣ ଥରେ ଭାବନ୍ତୁ, ଆପଣ ରାତିରେ ଶୋଇକି ସକାଳେ ଉଠିଲା ବେଳକୁ ଅର୍ଥାତ୍ ୮ ଘଣ୍ଟା ମଧ୍ୟରେ ପିଚାଇଙ୍କ ଆକାଉଣ୍ଟକୁ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ଆସିଯାଇଥିବ । ଏହି ୬ ହଜାର ୩୦୦ କୋଟିର ପ୍ୟାକେଜ୍ କେବଳ ନଗଦ ବା କ୍ୟାଶ୍ ଦରମା ନୁହେଁ। ଏଥିରେ ବେସିକ୍ ସାଲାରୀ ସହ ବିପୁଳ ପରିମାଣର ଷ୍ଟକ୍ ଅପ୍ସନ୍ ବା ଶେୟାର ସାମିଲ ଅଛି। ତାଙ୍କୁ ବର୍ଷକୁ ପ୍ରାୟ ୧୮ କୋଟି ଟଙ୍କା କେବଳ ମୂଳ ଦରମା ଆକାରରେ ମିଳୁଛି । ବାକି ବଡ଼ ଅଂଶଟି ଗୁଗୁଲର ପ୍ୟାରେଣ୍ଟ କମ୍ପାନି 'ଆଲଫାବେଟ୍'ର ଶେୟାର ଏବଂ ପରଫରମାନ୍ସ ଇନସେଣ୍ଟିଭ୍ ଆକାରରେ ତାଙ୍କୁ ଦିଆଯାଉଛି । ଏହାସହ ଅଟୋନୋମସ ପ୍ରୋଜେକ୍ଟ ଯେପରିକି ୱେମୋ ଏବଂ ୱିଙ୍ଗ୍ ପାଇଁ ମଧ୍ୟ ତାଙ୍କୁ କୋଟି କୋଟି ଟଙ୍କାର ଅତିରିକ୍ତ ଶେୟାର ମିଳୁଛି । ଏବେ ChatGPT ଭଳି ପ୍ରତିଦ୍ୱନ୍ଦ୍ୱୀଙ୍କୁ ମାତ୍ ଦେଇ କୃତ୍ରିମ AI କ୍ଷେତ୍ରରେ ଗୁଗୁଲକୁ ଏକ ନମ୍ବର କରିବାର ବଡ଼ ଦାୟିତ୍ୱ ତାଙ୍କ ଉପରେ ରହିଛି, ଆଉ ସେଥିପାଇଁ କମ୍ପାନି ତାଙ୍କ ଉପରେ ଏତେ ବଡ଼ ବାଜି ଲଗାଇଛି ।

ମଦୁରାଇର ମଧ୍ୟବିତ୍ତ ପରିବାରରୁ ଆସି ଆଇଆଇଟି ଖଡ଼ଗପୁରରେ ପାଠ ପଢ଼ି ଆଜି ଦୁନିଆର ସର୍ବବୃହତ୍ ଟେକ୍ କମ୍ପାନୀରେ ରାଜ୍ କରୁଛନ୍ତି ସୁନ୍ଦର ପିଚାଇ । ଆଉ ଦିନକୁ ୫ କୋଟି ୭୫ ଲକ୍ଷ ଟଙ୍କାର ଦରମା ପାଇବା ଯେକୌଣସି ବ୍ୟକ୍ତି ପାଇଁ ସ୍ୱପ୍ନ ଠାରୁ କମ୍ ନୁହେଁ । ତେବେ ଗୋଟିଏ ଦିନରେ ଏତେ ଟଙ୍କା ରୋଜଗାର କଥା ଶୁଣି ଆପଣଙ୍କ ପ୍ରତିକ୍ରିୟା କଣ, ଆମକୁ କମେଣ୍ଟ କରି ନିଶ୍ଚୟ ଜଣାନ୍ତୁ ।

## ଏକା ଲଢ଼ିଥିଲେ ୭୨ ଘଣ୍ଟା

# ୩୦୦ ଚୀନ୍ ସୈନିକଙ୍କୁ କରିଥିଲେ ନିପାତ



***ଯୁଦ୍ଧ ମଇଦାନରେ ଜସୱନ୍ତଙ୍କ ଦୁଇ ସହଯୋଗୀ ଶହୀଦ ହେବା ପରେ ମଧ୍ୟ ସେ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏକ ବଙ୍କରରୁ ଅନ୍ୟ ଏକ ବଙ୍କରକୁ ଦୌଡ଼ି ଦୌଡ଼ି ଗୁଳି ଚଳାଉଥିଲେ । ଏହାଦ୍ୱାରା ଚୀନ ସୈନ୍ୟମାନେ ଭ୍ରମରେ ପଡ଼ିଥିଲେ ଯେ ସେଠାରେ ବହୁ ସଂଖ୍ୟକ ଭାରତୀୟ ସୈନ୍ୟ ଅଛନ୍ତି । ଏହି ଚତୁର ରଣନୀତି ବଳରେ ସେ ଏକାକୀ ୭୨ ଘଣ୍ଟା ପର୍ଯ୍ୟନ୍ତ ଶତ୍ରୁକୁ ଅଟକାଇ ରଖିଥିଲେ ଏବଂ ପ୍ରାୟ ୩୦୦ ଚୀନ ସୈନିକଙ୍କୁ ନିପାତ କରିଥିଲେ।***

**ନୂଆଦିଲ୍ଲୀ :** ଏହା ୧୯୬୨ ମସିହାର କଥା...ଭାରତ ଏବଂ ଚୀନ ମଧ୍ୟରେ ଭୟଙ୍କର ଯୁଦ୍ଧ ଚାଲିଥାଏ । ଚୀନର ପିପୁଲ୍ସ ଲିବରେସନ ଆର୍ମି (ଚଖଇ) ପାହାଡ଼ିଆ ଅଞ୍ଚଳରେ ନିଜର ବଳ ପ୍ରଦର୍ଶନ କରି ଆସାମ ଆଡ଼କୁ ଦ୍ରୁତ ଗତିରେ ମାଡ଼ି ଆସୁଥିଲା । ସେହି ସମୟରେ ଅରୁଣାଚଳ ପ୍ରଦେଶର ସୀମାରେ ଜଣେ ଭାରତୀୟ ଯବାନ ଏମିତି ବୀରତ୍ୱ ଦେଖାଇଥିଲେ, ଯାହା ଆଜି ବି ଶତ୍ରୁ ଦେଶ ପାଇଁ ଏକ ଭୟଙ୍କର ସ୍ୱପ୍ନ ହୋଇ ରହିଛି । ସେ ହେଉଛନ୍ତି ରାଇଫଲମ୍ୟାନ୍ ଜସୱନ୍ତ ସିଂ ରାୱତ ।

୧୭ ନଭେମ୍ବର ୧୯୬୨ରେ ଚୀନ୍ ପକ୍ଷରୁ ହେଉଥିବା ଭାରୀ ମେସିନ୍ ଗନ୍ ଗୁଳିମାଡ଼ରେ ଭାରତର ଅଧିକାଂଶ ସୈନ୍ୟ ଶହୀଦ ହୋଇସାରିଥିଲେ । କିନ୍ତୁ ଜସୱନ୍ତ ସିଂ, ଲାନ୍ସ ନାୟକ ତ୍ରିଲୋକ ସିଂ ନେଗୀ ଏବଂ ଗୋପାଳ ଗୁସାଇଁ ଶତ୍ରୁ ସାମ୍ନାରେ ହାର୍ ମାନିନଥିଲେ । ଏହି ତିନି ବୀର ଯବାନ ପଥର ଏବଂ ବୁଦା ପଛରେ ଲୁଚି ଶତ୍ରୁ ବଙ୍କର ନିକଟରେ ପହଞ୍ଚିଥିଲେ ଏବଂ ହ୍ୟାଣ୍ଡ ଗ୍ରେନେଡ୍ ପକାଇ ଚୀନର ମେସିନ୍ ଗନ୍ ଛଡ଼ାଇ ଆଣିଥିଲେ । ଏହି ଘଟଣା ଯୁଦ୍ଧର ଗତି ବଦଳାଇ ଦେଇଥିଲା ।

ଯୁଦ୍ଧ ମଇଦାନରେ ଜସୱନ୍ତଙ୍କ ଦୁଇ ସହଯୋଗୀ ଶହୀଦ ହେବା ପରେ ମଧ୍ୟ ସେ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏକ ବଙ୍କରରୁ ଅନ୍ୟ ଏକ ବଙ୍କରକୁ ଦୌଡ଼ି ଦୌଡ଼ି ଗୁଳି ଚଳାଉଥିଲେ । ଏହାଦ୍ୱାରା ଚୀନ ସୈନ୍ୟମାନେ ଭ୍ରମରେ ପଡ଼ିଥିଲେ ଯେ ସେଠାରେ ବହୁ ସଂଖ୍ୟକ ଭାରତୀୟ ସୈନ୍ୟ ଅଛନ୍ତି । ଏହି ଚତୁର ରଣନୀତି ବଳରେ ସେ ଏକାକୀ ୭୨ ଘଣ୍ଟା ପର୍ଯ୍ୟନ୍ତ ଶତ୍ରୁକୁ ଅଟକାଇ ରଖିଥିଲେ ଏବଂ ପ୍ରାୟ ୩୦୦ ଚୀନ ସୈନିକଙ୍କୁ ନିପାତ କରିଥିଲେ।

### ମୁଣ୍ଡ କାଟି ନେଇଥିଲା ଚୀନ ସେନା

ଜଣେ ସ୍ଥାନୀୟ ବ୍ୟକ୍ତିଙ୍କଠାରୁ ଚୀନ ସେନା ଜାଣିବାକୁ ପାଇଥିଲା ଯେ, ସେଠାରେ କେବଳ ଜଣେ ହିଁ ସୈନିକ ଲଢୁଛନ୍ତି । ଏହା ଶୁଣି ଚୀନ ସେନା ଉତ୍କ୍ଷିପ୍ତ ହୋଇ ଜସୱନ୍ତଙ୍କୁ ଘେରି ଯାଇଥିଲେ । ଶେଷରେ ଜସୱନ୍ତ ଶହୀଦ ହୋଇଥିଲେ ଏବଂ ରାଗରେ ଶତ୍ରୁ ସେନା ତାଙ୍କ ମୁଣ୍ଡ କାଟି ନିଜ ଦେଶକୁ ନେଇଯାଇଥିଲେ । କିନ୍ତୁ ତାଙ୍କ ବୀରତ୍ୱ ଦେଖି ଚୀନ କମାଣ୍ଡର ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ଯୁଦ୍ଧ ଶେଷ ପରେ ଜସୱନ୍ତଙ୍କ କଟା ମୁଣ୍ଡ ସହ ତାଙ୍କର ଏକ ପିତ୍ତଳ ମୂର୍ତ୍ତି ଭାରତକୁ ସମ୍ମାନର ସହ ଫେରାଇ ଦେଇଥିଲେ।

ଜସୱନ୍ତ ସିଂ ରାୱତଙ୍କୁ ମରଣୋତ୍ତର ଭାବେ 'ମହାବୀର ଚକ୍ର' ପ୍ରଦାନ କରାଯାଇଛି। ଭାରତୀୟ ସେନାରେ ତାଙ୍କୁ ଆଜି ବି ଜଣେ ଜୀବିତ ସୈନିକ ଭାବେ ଗ୍ରହଣ କରାଯାଏ। ତାଙ୍କ ନାମରେ ନିର୍ମିତ ସ୍ମାରକୀ 'ଜସୱନ୍ତ ଗଡ଼'ରେ ପ୍ରତିଦିନ ତାଙ୍କ ୟୁନିଫର୍ମ ପ୍ରେସ୍ କରାଯାଏ, ଜୋତା ପଲିସ୍ କରାଯାଏ ଏବଂ ଶୋଇବା ପାଇଁ ଶେଯ ପକାଯାଏ। ମୃତ୍ୟୁ ପରେ ମଧ୍ୟ ସେନାରେ ତାଙ୍କର ପଦୋନ୍ନତି ଜାରି ରହିଛି।

### ୧୭ ବର୍ଷ ବୟସରୁ ଥିଲା ଦେଶପ୍ରେମ

ଉତ୍ତରାଖଣ୍ଡର ପୌଢ଼ି-ଗଡ଼ୱାଲରେ ଜନ୍ମିତ ଜସୱନ୍ତ ମାତ୍ର ୧୭ ବର୍ଷ ବୟସରେ ସେନାରେ ଭର୍ତ୍ତି ହେବାକୁ ଚାହୁଁଥିଲେ, କିନ୍ତୁ ବୟସ କମ୍ ଯୋଗୁଁ ତାଙ୍କୁ ସୁଯୋଗ ମିଳିନଥିଲା। ପରେ ୧୯ ବର୍ଷ ବୟସରେ ସେ ସେନାରେ ଯୋଗ ଦେଇଥିଲେ। ଭର୍ତ୍ତି ହେବାର ମାତ୍ର ଏକ ବର୍ଷ ପରେ ସେ ଦେଶ ପାଇଁ ନିଜର ପ୍ରାଣବଳୀ ଦେଇ ଅମର ହୋଇଯାଇଥିଲେ।

## ରାଜମିସ୍ତ୍ରୀରୁ ରିଲ୍ ଷ୍ଟାର୍

# ଇନଷ୍ଟାଗ୍ରାମ୍ କରିଦେଲା ଧନୀ



'ଯଦି ସ୍ୱପ୍ନ ଦେଖିବାର ସାହସ ଅଛି ତେବେ ତାକୁ ପୂରଣ କରିବାର ରାସ୍ତା ଆପେ ଆପେ ମିଳିଯାଏ।' ଏମିତି ଜଣେ ଯୁବକଙ୍କ କାହାଣୀ ଶୁଣିଲେ ଆପଣ ବି କହିବେ ହଁ, ପରିଶ୍ରମ କେବେ ବେକାର ଯାଏନାହିଁ । ସେ ହେଉଛନ୍ତି ଉତ୍ତର ପ୍ରଦେଶ ସୋନଭଦ୍ର ଜିଲ୍ଲାର ବିଜୟ କୁମାର। ଯିଏ ଦିନେ ଗାଁର ଧୂଳିମାଟିରେ ଭିଡିଓ ତିଆରି କରୁଥିଲେ ସେ ଆଜି ସୁଦୂର ଲଣ୍ଡନରେ ପହଞ୍ଚି ଇତିହାସ ରଚିଛନ୍ତି। ଦିନ ଥିଲା ବିଜୟ ଗାଁ ପରିବେଶରେ ଅସନା ପୋଷାକ ପିନ୍ଧି ଭିଡିଓ ବନାଉଥିଲେ । ଆଜି ସେହି ବିଜୟ ସୁଟ୍ ବୁଟ୍ ପିନ୍ଧି ଲଣ୍ଡନରେ ବୁଲୁଛନ୍ତି । ସେତେବେଳେ ବି ସେ ମୋବାଇଲ୍ ସ୍କ୍ରିନରେ ନଜର ଆସୁଥିଲେ ଆଉ ଏବେ ବି ସ୍କ୍ରିନରେ ଅଛନ୍ତି କିନ୍ତୁ ଏକ ଭିନ୍ନ ଅନ୍ଦାଜରେ। ସେ ଏବେ ବିଶ୍ୱପ୍ରସିଦ୍ଧ ୱିମ୍ବଲଡନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଦେଖିବା ପାଇଁ ଲଣ୍ଡନରେ ପହଞ୍ଚିଛନ୍ତି। ତେବେ ଆପଣଙ୍କୁ କହି ରଖୁଛୁ ଯେ ଏହା କେବଳ ଏକ ସ୍ପୋର୍ଟସ ଇଭେଣ୍ଟ ନୁହେଁ ବରଂ ବିଜୟଙ୍କ ପରିବର୍ତ୍ତିତ ସଫଳ ଜୀବନର ସବୁଠାରୁ ବଡ଼ ପ୍ରମାଣ। ଲଣ୍ଡନରୁ ସେ ନିଜ ଇନଷ୍ଟାଗ୍ରାମରେ କିଛି ଫଟୋ ସେୟାର କରିଛନ୍ତି ଯାହାକୁ ଦେଖିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ।

## ୨୬ ବର୍ଷ ପରେ ନ୍ୟାୟ

# ସାଧୁରୁ ପୁଣି ସୈନିକ ହୋଇ ପିନ୍ଧିଲେ ସିଆର୍‌ପିଏଫ୍ ୟୁନିଫର୍ମ



ହାତରେ ଜପାମାଳି, ଅଙ୍ଗରେ ଗେରୁଆ ବସ୍ତ୍ର ଆଉ ମନ ଭିତରେ ନ୍ୟାୟ ପାଇଁ ଏକ ଅଲିଭା ନିଆଁ...ଦୀର୍ଘ ୨୬ ବର୍ଷ ଧରି ଗୁମ୍ଫା ମନ୍ଦିରରେ ଈଶ୍ୱରଙ୍କ ଧ୍ୟାନ କରୁଥିବା ଜଣେ ସନ୍ୟାସୀ ଦିନେ ପୁଣି ନିଜ ଦେଶ ପାଇଁ ବନ୍ଧୁକ ଧରିବେ ଏବଂ ୟୁନିଫର୍ମ ପିନ୍ଧିବେ— ଏହା କୌଣସି ସିନେମାର କାଳ୍ପନିକ କାହାଣୀ ନୁହେଁ, ବରଂ ବାସ୍ତବ ଜୀବନର ଏକ ଅବିଶ୍ୱସନୀୟ ସତ୍ୟ । ଧୈର୍ଯ୍ୟ, ଆତ୍ମବିଶ୍ୱାସ ଏବଂ ନ୍ୟାୟ ପାଇଁ ଅଦମ୍ୟ ସଂଘର୍ଷର ଏକ ଅଦ୍ଭୁତ କାହାଣୀ ସୃଷ୍ଟି କରିଛନ୍ତି ମଧ୍ୟପ୍ରଦେଶ ମୁରେନା ଜିଲ୍ଲାର ଗିରବର ସିଂହ ତୋମାର । ଦୀର୍ଘ ୨୬ ବର୍ଷ ଧରି ମନ୍ଦିରରେ ସାଧୁ ବେଶରେ ଜୀବନ ବିତାଇବା ପରେ ପୁଣି ଥରେ ନିଜ ପ୍ରିୟ ସିଆରପିଏଫ୍ ୟୁନିଫର୍ମ ପିନ୍ଧି ସେ ଦେଶସେବାରେ ନିୟୋଜିତ ହୋଇଛନ୍ତି। ମନ୍ଦିରର 'ଗିରବର ଦାସ ମହାରାଜ'ଙ୍କ ଏହି ପ୍ରତ୍ୟାବର୍ତ୍ତନ ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି ।

୧୯୯୧ ମସିହାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳରେ ହାବିଲଦାର ଭାବେ ଯୋଗ ଦେଇଥିଲେ ଗିରବର ସିଂହ । ଦେଶସେବାର ସ୍ୱପ୍ନ ନେଇ ସେ ପ୍ରାୟ ଆଠ ବର୍ଷ କାର୍ଯ୍ୟ କରିବା ପରେ ଜଣେ ବରିଷ୍ଠ ଅଧିକାରୀଙ୍କ ସହ ହୋଇଥିବା ବିବାଦ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ବିଭାଗୀୟ ତଦନ୍ତ ପରେ ୧୯୯୯ରେ ତାଙ୍କୁ ଚାକିରିରୁ ବରଖାସ୍ତ କରାଗଲା । ହଠାତ୍ ସବୁକିଛି ଛଡ଼ାଇ ନିଆଯିବା ପରେ ସେ ନିଜ ଗାଁ ଛିଛାବଲୀକୁ ଫେରି ଆସିଥିଲେ।

ଚାକିରି ହରାଇବା ପରେ ଗିରବର ଆଧ୍ୟାତ୍ମିକତାର ମାର୍ଗ ବାଛିନେଲେ । ସେ ଏକ ଗୁମ୍ଫା ମନ୍ଦିରରେ ରହି ପୂଜାର୍ଚ୍ଚନା ଓ ଧ୍ୟାନରେ ଦିନ କାଟିବା ସହ 'ଗିରବର ଦାସ ମହାରାଜ' ଭାବେ ପରିଚିତ ହେଲେ । ପ୍ରାୟ ଦୁଇ ଦଶନ୍ଧି ଧରି ସେ ସନ୍ୟାସୀ ଜୀବନ ବିତାଇଥିଲେ ମଧ୍ୟ ହୃଦୟ ଭିତରେ ୟୁନିଫର୍ମ ଫେରିପାଇବାର ସ୍ୱପ୍ନ ସର୍ବଦା ଜୀବନ୍ତ ଥିଲା । ସେ ଭାଙ୍ଗି ନପଡ଼ି ୧୯୯୯ରୁ ହିଁ ହାଇକୋର୍ଟରେ ଆଇନଗତ ଲଢ଼େଇ ଆରମ୍ଭ କରିଥିଲେ। ଏକପାଖେ ମନ୍ଦିରରେ ଈଶ୍ୱରଙ୍କ ସାଧନା ଏବଂ ଅନ୍ୟପାଖେ କୋର୍ଟରେ ନ୍ୟାୟର ଲଢ଼େଇ—ଏହିପରି ଚାଲିଥିଲା ତାଙ୍କ ଜୀବନ।

୨୦୦୭ ମସିହାରେ ହାଇକୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ ବି ବିଭାଗ ପକ୍ଷରୁ ରୋକ ଲଗାଯାଇ ଥିଲା। ଏହାପରେ ମାମଲା ଡବଲ ବେଞ୍ଚକୁ ଯାଇଥିଲା। ବର୍ଷ ବର୍ଷ ଧରି ଧୈର୍ଯ୍ୟର ସହ ଲଢ଼ିବା ପରେ ଅଗଷ୍ଟ ୨୦୨୫ରେ ହାଇକୋର୍ଟ ତାଙ୍କ ସପକ୍ଷରେ ଚୂଡ଼ାନ୍ତ ରାୟ ଶୁଣାଇ ଚାକିରି ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଇନଗତ ନୋଟିସ ଏବଂ ନିରନ୍ତର ପ୍ରୟାସ ପରେ ଅଗଷ୍ଟ ୨୦୨୬ରେ ତାଙ୍କୁ ଛତିଶଗଡ଼ର ବିଜାପୁରଠାରେ ନିଯୁକ୍ତି ମିଳିଲା । ପୂରା ୨୬ ବର୍ଷ ପରେ ପୁଣି ସେହି ୟୁନିଫର୍ମ ପିନ୍ଧି ଡ୍ୟୁଟିରେ ଯୋଗ ଦେଇଛନ୍ତି ଗିରବର ସିଂହ।

# ନେପାଳର ବାହାଦୂର୍ ଝିଅ

## କାଦୁଅ ଭିତରୁ ଜୀବନ କାଢ଼ି ଆଣିଲେ



ନେପାଳରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ପୂରା ମାନବ ସମାଜକୁ ପ୍ରକୃତିର ମହତ୍ତ୍ୱ ବିଷୟରେ ଶିଖାଇ ଦେଇଗଲା। ଚୁପ୍ ହୋଇ ମାଟି ତଳେ ପୋତି ହୋଇଥିବା ଶହ ଶହ ଲୋକଙ୍କ ଅତୃପ୍ତ ଆତ୍ମା ଚିତ୍କାର କରି ସାରା ବିଶ୍ୱକୁ ଚେତାଉଛନ୍ତି ଯେ ପ୍ରକୃତି ସହିତ ଖେଳିବା ବନ୍ଦ କର ନହେଲେ ପ୍ରକୃତି ଖେଳିଦେଲେ ସ୍ୱୟଂ ଭଗବାନ ବି କିଛି କରିପାରିବେନି । ଏଭଳି ଏକ ସମ୍ବେଦନଶୀଳ ସମୟରେ ଅନେକ ଭଗବାନଙ୍କ ଦୂତ ହୋଇ ପହଞ୍ଚିଥିଲେ ଏବଂ ମାନବିକତାର ମିଶାଲ୍ ଦେଇଥିଲେ। ଏମାନଙ୍କ ମଧ୍ୟରେ ଜଣେ ଥିଲେ ଦେଶର ପ୍ରଥମ ମହିଳା ହେଲିକପ୍ଟର କ୍ୟାପଟେନ୍ ପ୍ରିୟା ଅଧିକାରୀ । ନିଜ ଜୀବନକୁ ବାଜି ଲଗାଇ ମାତ୍ର ୬ ଦିନ ଭିତରେ ସେ ପ୍ରାୟ ୧୦୦ ଟି ଉଦ୍ଧାର କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିଥିଲେ । ନେପାଳ-ତିବ୍ବତ ସୀମାଞ୍ଚଳରେ ଘଟିଥିବା ଏହି ପ୍ରଳୟଙ୍କରୀ ବିପର୍ଯ୍ୟୟରେ ହଜାର ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ପ୍ରିୟା ଅଧିକାରୀଙ୍କ ଏହି ସାହସିକତା ପୂରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି।

ଉଦ୍ଧାର କାର୍ଯ୍ୟର ଏହି ଭୟଙ୍କର ଅଭିଜ୍ଞତା ସମ୍ପର୍କରେ କହିବାକୁ ଯାଇ ପ୍ରିୟା କହିଛନ୍ତି ଯେ ପରିସ୍ଥିତି ଏତେ ଭୟାବହ ଥିଲା ଯେ ୨୦୧୫ ମସିହାର ଭୂମିକମ୍ପଠାରୁ ମଧ୍ୟ ଅଧିକ ବିଧ୍ୱଂସକର ମନେ ହେଉଥିଲା। ବନ୍ୟା ଯୋଗୁଁ ଅନେକ ଅଞ୍ଚଳରେ କାଦୁଅ ଜମି ରହିଥିବାରୁ ହେଲିକାପ୍ଟର ଅବତରଣ କରିବା ଅତ୍ୟନ୍ତ କଷ୍ଟକର ଥିଲା। ଏଭଳି ଜଟିଳ ପରିସ୍ଥିତିରେ ମଧ୍ୟ ପାଇଲଟମାନଙ୍କୁ ଇଞ୍ଜିନ୍ ବନ୍ଦ ନ କରି କାଦୁଅ ଉପରେ ହେଲିକପ୍ଟର ଭାସମାନ ଅବସ୍ଥାରେ ରଖି ଲୋକଙ୍କୁ ଉଦ୍ଧାର କରିବାକୁ ପଡ଼ିଥିଲା। ଆକାଶ ମାର୍ଗରୁ ଦେଖାଯାଉଥିବା ଭଗ୍ନସ୍ତୂପ ଏବଂ ଶବଗୁଡ଼ିକ ମନରେ ଗଭୀର ପ୍ରଭାବ ପକାଉଥିଲେ ମଧ୍ୟ ଜୀବନ୍ତ ବଞ୍ଚିଯାଇଥିବା ଲୋକଙ୍କ ଆଶାଭରା ଆଖି ଓ ହାତ ହଲାଇ ସ୍ୱାଗତ କରିବା ଦୃଶ୍ୟ ତାଙ୍କୁ ପୁନର୍ବାର ଉଡ଼ାଣ ଭରିବା ପାଇଁ ଶକ୍ତି ଯୋଗାଉଥିଲା। ଏହି ମିଶନରେ ସେ ନିଜର ଲୋକଙ୍କୁ ନୁହେଁ ବରଂ ଅଜଣା ବ୍ୟକ୍ତିଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲେ ଯାହା ତାଙ୍କ ବୃତ୍ତିଗତ ଦାୟିତ୍ୱବୋଧ ଓ ମାନବିକତାର ଶ୍ରେଷ୍ଠ ପରିପ୍ରକାଶ ଥିଲା ।





# କମେଡିରୁ ସିନେମା ପରଦା

## କ୍ରିଷ୍ଣା ରାଉତଙ୍କ ସଫଳତାର ନୂଆ ଅଧ୍ୟାୟ



**ଭୁବନେଶ୍ୱର:** ନିଜର ନିଆରା କମେଡି ଭିଡିଓ ଓ ହାସ୍ୟରସାତ୍ମକ କଣ୍ଟେଣ୍ଟ ମାଧ୍ୟମରେ ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଛନ୍ତି କ୍ରିଷ୍ଣା ରାଉତ। ସୋସିଆଲ୍ ମିଡିଆ ଓ ଡିଜିଟାଲ୍ ମାଧ୍ୟମରେ ନିଜର ଅଭିନୟ ଏବଂ କମେଡି ଶୈଳୀରେ ସେ ଅନେକ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ଡିଜିଟାଲ୍ ପ୍ଲାଟଫର୍ମରୁ ଆରମ୍ଭ ହୋଇଥିବା ତାଙ୍କ ଯାତ୍ରା ଏବେ ଓଡ଼ିଆ ସିନେମା ପରଦାରେ ଏକ ନୂଆ ଅଧ୍ୟାୟରେ ପ୍ରବେଶ କରିଛି।

କମେଡି କଣ୍ଟେଣ୍ଟ ମାଧ୍ୟମରେ ନିଜର ପରିଚୟ ତିଆରି କରିବା ସହ ଦର୍ଶକଙ୍କ ଭଲପାଇବା ହାସଲ କରିବା ଆଜିର ଡିଜିଟାଲ୍ ଯୁଗରେ ଏକ ବଡ଼ ସଫଳତା। ଏହି ସଫଳତାକୁ ଆଧାର କରି କ୍ରିଷ୍ଣା ଏବେ ଅଭିନୟ କ୍ଷେତ୍ରରେ ନିଜର ପରିସର ବଢ଼ାଇଛନ୍ତି। ଗଣେଶ ପୂଜା ଅବସରରେ ମୁକ୍ତିଲାଭ କରିଥିବା ଦିବ୍ୟଜ୍ୟୋତି ଉଦୟସିଂହଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା "ଯଦି"ରେ କ୍ରିଷ୍ଣା ରାଉତଙ୍କ ଅଭିନୟ ପ୍ରତିଭାର ଏକ ନୂଆ ଦିଗ ଦେଖିବାକୁ ମିଳିଛି। କମେଡି ଭିଡିଓରେ ଦର୍ଶକଙ୍କୁ ହସାଇଥିବା କ୍ରିଷ୍ଣା ବଡ଼ ପରଦାରେ ମଧ୍ୟ ନିଜର ସ୍ୱତନ୍ତ୍ର ଅଭିନୟ ଶୈଳୀ ଦେଖାଇବାକୁ ପ୍ରୟାସ କରିଛନ୍ତି।

କ୍ରିଷ୍ଣା ରାଉତଙ୍କ କମେଡିର ସବୁଠାରୁ ବଡ଼ ବିଶେଷତା ହେଉଛି ସାଧାରଣ ଜୀବନର ଛୋଟ ଛୋଟ ଘଟଣାକୁ ହାସ୍ୟରସରେ ପରିଣତ କରିବା। ତାଙ୍କ ଅଭିନୟରେ ଦେଖିବାକୁ ମିଳେ ସ୍ୱାଭାବିକ ଭାବଭଙ୍ଗୀ, ସରଳ ରସିକତା ଏବଂ ଦର୍ଶକଙ୍କ ସହ ସିଧାସଳଖ ଯୋଡ଼ି ହେବାର ଏକ ନିଆରା ଶୈଳୀ। ଓଡ଼ିଆ ଭାଷାର ସରଳତା ସହ ଦୈନନ୍ଦିନ ଜୀବନର ଅନୁଭବକୁ ନିଜ କଣ୍ଟେଣ୍ଟରେ ସାମିଲ କରି ସେ ଦର୍ଶକଙ୍କ ନିକଟତର ହୋଇପାରିଛନ୍ତି।

ଡିଜିଟାଲ୍ ମାଧ୍ୟମରେ ନିଜର ପରିଚୟ ଗଢ଼ିବା ପରେ ସିନେମା ଜଗତରେ ପାଦ ରଖିବା କ୍ରିଷ୍ଣାଙ୍କ ପାଇଁ ନିଶ୍ଚିତ ଭାବେ ଏକ ନୂଆ ଚ୍ୟାଲେଞ୍ଜ। ତେବେ ତାଙ୍କ ପ୍ରତିଭା, ପରିଶ୍ରମ ଓ ଦର୍ଶକଙ୍କ ଭଲପାଇବା ତାଙ୍କୁ ଆଗକୁ ନେବ ବୋଲି ଆଶା କରାଯାଉଛି। କମେଡି କଣ୍ଟେଣ୍ଟରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଗାମୀ ଦିନରେ ଓଡ଼ିଆ ସିନେମାରେ ତାଙ୍କୁ ଏକ ନୂଆ ପରିଚୟ ଦେବାର ସମ୍ଭାବନା ରଖିଛି।

# ଓଡ଼ିଆ ଚଳଚ୍ଚିତ୍ର 'ପଶାପାଲି' (ଖେଳ ରାଜନୀତିର)ର ଅଡିଓ ରିଲିଜ୍



କଳା ପ୍ରତି ରୁଚି ରଖିଥିବା ବିକଳାନନ୍ଦ କର ବ୍ରାଣ୍ଡ, ଏବେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ପାଦ ଥାପିଛନ୍ତି। ବିକଳାନନ୍ଦ କର ପ୍ରଡ଼କସନ୍ସ ବ୍ୟାନରରେ ପ୍ରଥମ ଅବଦାନ ସ୍ୱରୂପ ଏକ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ପଶାପାଲି' (ଖେଳ ରାଜନୀତିର) ନିର୍ମାଣ କରିଛନ୍ତି ଯାହାର ଅଡିଓ ରିଲିଜ୍ ହୋଇଛି ।

ଭୁବନେଶ୍ୱର ପ୍ରେସ୍ କ୍ଲବଠାରେ ଆୟୋଜିତ ଏହି ଭବ୍ୟ ଅଡିଓ ରିଲିଜ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ସମ୍ବାଦର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଚଳଚ୍ଚିତ୍ରର ପ୍ରଯୋଜକ ପ୍ରଶାନ୍ତ କୁମାର କର, ନିର୍ଦ୍ଦେଶକ ସଞ୍ଜୟ ନାୟକ, ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନୟ କରୁଥିବା ବିଶିଷ୍ଟ ରାଜନେତ୍ରୀ ତଥା ଅଭିନେତ୍ରୀ ଶ୍ରୀମୟୀ ମିଶ୍ର, ପୁନମ ମିଶ୍ର, ଅଭିନେତା ରାଜ୍ ରାଜେଶ, କେଦାର ମିଶ୍ର, ବିରଞ୍ଚି ନାୟକ ଶୁଭ୍ରାଂଶୁ, ଡିସ୍କୋ ରେଡ୍ଡୀ, ଗୁଡ୍ଡୁ ପ୍ରମୁଖ ଯୋଗଦେଇଥିଲେ।

ନିର୍ଦ୍ଦେଶକ ସଞ୍ଜୟ ନାୟକ ଏବଂ ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ରଙ୍କ ଯୋଡ଼ିରେ ଅନେକ ଚଳଚ୍ଚିତ୍ର ସୁପରହିଟ୍ ହୋଇଛି । ଯେଉଁ ଗୀତଗୁଡିକୁ ଶ୍ରୋତା ଆଜି ବି ଗୁଣୁଗୁଣୁ ହେଉଛନ୍ତି । ଚଳଚ୍ଚିତ୍ରର ଚିତ୍ରଉତ୍ତୋଳନ ଦାୟିତ୍ୱରେ ଶୁଭମ ଏବଂ ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ରହିଛନ୍ତି। ଋତୁରାଜ ମହାନ୍ତି, କ୍ରିଷ୍ଣା ବେଉରା, ଇରା ମହାନ୍ତି, ଚିରାଗଦୀପ ଭଳି କଣ୍ଠଶିଳ୍ପୀ ଏହି ଚଳଚ୍ଚିତ୍ରରେ କଣ୍ଠଦାନ କରିଛନ୍ତି । ଡଃ ନିର୍ମଳ ନାୟକ ଗୀତ ରଚନା କରିଛନ୍ତି । ପୂର୍ବରୁ ପୋଷ୍ଟର ରିଲିଜ୍ ହୋଇଥିଲା ଏବେ ଅଡିଓ ରିଲିଜ୍ ହୋଇଛି। ଖୁବ୍‌ଶୀଘ୍ର ଏହାର ଟିଜର୍ ଏବଂ ଟ୍ରେଲର ରିଲିଜ୍ ହେବ ବୋଲି ବିକଳାନଦ କର ପ୍ରଡ଼କସନ୍ସ ତରଫରୁ ପ୍ରକାଶ କରିଛନ୍ତି । ରାଜନୀତିକୁ ନେଇ ଚଳଚ୍ଚିତ୍ରଟି ନିର୍ମାଣ ହୋଇଥିବାରୁ ଦର୍ଶକଙ୍କ ମନରେ ଢେର ଆଗ୍ରହ ରହିଛି । ଅନେକ ଅଭିଜ୍ଞ, ଦମଦାର କଳାକାରଙ୍କୁ ନେଇ ନିର୍ଦ୍ଦେଶକ ସଞ୍ଜୟ ନାୟକ ଏହି ଚଳଚ୍ଚିତ୍ରକୁ ନିର୍ଦ୍ଦେଶନା ଦେଇଛନ୍ତି । ତେବେ ପୂର୍ବରୁ ଯେପରି ନିର୍ଦ୍ଦେଶକ ସଞ୍ଜୟ ନାୟକ ଏବଂ ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ରଙ୍କ ଯୋଡ଼ିରେ ପ୍ରତ୍ୟେକ ସିନେମାର ଗୀତ ହିଟ୍ ହେଉଥିଲା ପାଶାପାଲି (ଖେଳ ରାଜନୀତିର) ସିନେମାର ଗୀତଗୁଡିକ ମଧ୍ୟ ସୁପରହିଟ୍ ହେବ ବୋଲି ନିର୍ଦ୍ଦେଶକ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି।

# ଭଙ୍ଗା ଷ୍ଟିକ୍, ବିନା ଜୋତାରେ ହକି ଅଭ୍ୟାସ



**ରାୟଗଡ଼ା :** ଦେଶ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି। ଦୈନିକ ପଡ଼ିଆକୁ ଆସି ଅଭ୍ୟାସ କରୁଛନ୍ତି। କୋଚ୍‌ଙ୍କ ତତ୍ତ୍ୱାବଧାନରେ ଚାଲିଛି ପ୍ରଶିକ୍ଷଣ। ହେଲେ କ୍ରୀଡ଼ାଭ୍ୟାସ ପାଇଁ ଜୋତା ନାହିଁ କି ଆବଶ୍ୟକ ସରଞ୍ଜାମ ମଧ୍ୟ ନାହିଁ। ମିଳିଥିବା ଏକ ହଳ ଜୋତା ନଷ୍ଟ ହେବାକୁ ବସିଥିବାରୁ ଖାଲି ପାଦରେ ହକି ଅଭ୍ୟାସ କରୁଛନ୍ତି ରାୟଗଡ଼ାର କ୍ରୀଡ଼ାବିତ୍। ହକିର ବିକାଶ ଲାଗି ରାୟଗଡ଼ା ଜିଲ୍ଲାରେ ୨ଟି ଗ୍ରାସରୁଟ୍ ସେଣ୍ଟର ଆରମ୍ଭ କରିଛନ୍ତି ସରକାର। ଗୋଟିଏ ଜିସିଡି ଉଚ୍ଚବିଦ୍ୟାଳୟରେ ଏବଂ ଅନ୍ୟଟି ବାଳିକା ଉଚ୍ଚବିଦ୍ୟାଳୟରେ ଚାଲିଛି। ଉଭୟ ଗ୍ରାସରୁଟ୍ ସେଣ୍ଟରରେ ୮୦ରୁ ୧୦୦ କ୍ରୀଡ଼ାବିତ୍ ଅଭ୍ୟାସ ଜାରି ରଖିଛନ୍ତି।

- ନାହିଁ ସ୍ୱତନ୍ତ୍ର ପଡ଼ିଆ କି ଗୋଲ୍ ପୋଷ୍ଟ
- ରାଜ୍ୟସ୍ତରରେ ଖେଳୁଛନ୍ତି ୧୬ କ୍ରୀଡ଼ାବିତ୍

ପ୍ରଥମ ବର୍ଷ କ୍ରୀଡ଼ା ଅଭ୍ୟାସ କରୁଥିବା ନବମ ଶ୍ରେଣୀର ଛାତ୍ର ରାହୁଲ ତାଡିଙ୍ଗି ଓ ସପ୍ତମ ଶ୍ରେଣୀର ଛାତ୍ର ସୁଶାନ୍ତ ଜାଗରାଙ୍ଗା କହିଛନ୍ତି, ହକି ଖେଳିବା ପାଇଁ ପ୍ରବଳ ଆଗ୍ରହ ରହିଛି। କିନ୍ତୁ ଆମ ପାଖରେ ଆବଶ୍ୟକ ସରଞ୍ଜାମ ନାହିଁ। ଅଭ୍ୟାସ ପାଇଁ ଜୋତା ନ ଥିବାରୁ ପାଦରେ ଆଘାତ ଲାଗୁଛି। ତଥାପି ଦେଶ ପାଇଁ ଖେଳିବାର ସ୍ୱପ୍ନ ନେଇ ସବୁଦିନ ଅଭ୍ୟାସ ଜାରି ରଖିଛୁ। ଅଭ୍ୟାସ କରୁଥିବା ୧୬ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଇତିମଧ୍ୟରେ ରାଜ୍ୟସ୍ତରରେ ସବ୍‌ଜୁନିୟର ଓ ଜୁନିୟର ବର୍ଗରେ ରାୟଗଡ଼ା ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ରାଜ୍ୟସ୍ତରରେ ଖେଳିବା ସମୟରେ ଆବଶ୍ୟକ ସରଞ୍ଜାମ ନଥିଲେ ପରିଚାଳନା କର୍ତ୍ତୃପକ୍ଷ ମ୍ୟାଚ୍ ଖେଳିବାର ସୁଯୋଗ ଦେଇନଥାନ୍ତି। ଯେଉଁଥିପାଇଁ ପୂର୍ବରୁ ମିଳିଥିବା ଜୋତାକୁ କ୍ରୀଡ଼ାବିତ୍ ବଡ଼ ପ୍ରତିଯୋଗିତା ପାଇଁ ସଂରକ୍ଷିତ କରି ରଖିଥିବା ସୂଚନା ଦେଇଛନ୍ତି।

ଜିସିଡି ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ତାଲିମ ଦେଉଥିବା କୋଚ୍ ଅମିତ ଟପ୍ନୋ କହିଛନ୍ତି, କିଛି ବର୍ଷ ପୂର୍ବେ ଯେଉଁ ସରଞ୍ଜାମ ଯୋଗାଇ ଦିଆଯାଇଥିଲା ତାକୁ ନେଇ କ୍ରୀଡ଼ାବିତ୍ ଖେଳୁଛନ୍ତି। ସେମାନଙ୍କୁ ଆବଶ୍ୟକ ସୁବିଧା ମିଳିଲେ ଜାତୀୟସ୍ତରରେ ମଧ୍ୟ ଖେଳିପାରିବେ। ସରଞ୍ଜାମର ଅଭାବ ସାଙ୍ଗକୁ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ପାଇଁ ସ୍ୱତନ୍ତ୍ର ପଡ଼ିଆ କି ଗୋଲ୍ ପୋଷ୍ଟ ମଧ୍ୟ ନାହିଁ। ହକି ଷ୍ଟିକ୍‌ଗୁଡ଼ିକ ଭାଙ୍ଗିଗଲାଣି। ସାମାଜିକ କର୍ମୀ ଗୋପୀନାଥ ଗୌଡ଼ ଅଭିଯୋଗ କରିଛନ୍ତି, ଆବଶ୍ୟକ ସୁରକ୍ଷା ଓ ସରଞ୍ଜାମ ବିନା ହକି ଅଭ୍ୟାସ ଚାଲିଥିବାରୁ କ୍ରୀଡ଼ାବିତ୍ ଆହତ ହେବାର ଆଶଙ୍କା ରହିଛି। ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଉଚିତ।

# ଟୀରନ୍ଦାଜି ବିଶ୍ୱକପ୍ : ଧୀରଜଙ୍କ ଐତିହାସିକ ସ୍ୱର୍ଣ୍ଣ



**ସଲ୍‌ଟିଲୋ:** ମେକ୍ସିକୋର ସଲ୍‌ଟିଲୋରେ ଅନୁଷ୍ଠିତ ତୀରନ୍ଦାଜି ବିଶ୍ୱକପ୍ ଫାଇନାଲର ପୁରୁଷ ରିକର୍ଭ ବିଭାଗରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ଧୀରଜ ବୋମ୍ମାଦେବରା। ଏହା ସହ ତାଙ୍କର ଏସୀୟ କ୍ରୀଡ଼ା ପ୍ରସ୍ତୁତିକୁ ମଧ୍ୟ ବଡ଼ ଉତ୍ସାହ ମିଳିଛି। ଫାଇନାଲରେ ଧୀରଜ ଜାପାନର ବିଶ୍ୱ ଚାମ୍ପିୟନସିପ୍ ପଦକ ବିଜେତା ନାକାନିଶି ଜୁନ୍ୟାଙ୍କୁ ସୁଟ୍-ଅଫ୍‌ରେ ପରାସ୍ତ କରିଥିଲେ। ନିର୍ଦ୍ଧାରିତ ସମୟରେ ସ୍କୋର ୫-୫ରେ ବରାବର ରହିବା ପରେ ଶେଷ ଉଦ୍ୟମରେ ଧୀରଜ ୧୦ ପଏଣ୍ଟ ପାଇଥିବା ବେଳେ ନାକାନିଶି ୯ ପଏଣ୍ଟ ଅର୍ଜନ କରିଥିଲେ।

୨୫ ବର୍ଷୀୟ ଧୀରଜ ତୀରନ୍ଦାଜି ବିଶ୍ୱକପ୍ ଫାଇନାଲର ରିକର୍ଭ ବିଭାଗରେ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ପୁରୁଷ ତୀରନ୍ଦାଜ ହୋଇଛନ୍ତି। ଏଥିସହ ଭାରତୀୟ ପୁରୁଷ ରିକର୍ଭ ତୀରନ୍ଦାଜଙ୍କ ୧୬ ବର୍ଷର ପଦକ ଅପେକ୍ଷା ମଧ୍ୟ ଶେଷ ହୋଇଛି। ୨୦୧୦ରେ ଜୟନ୍ତ ତାଲୁକଦାର ଏଡିନବର୍ଗରେ କାଂସ୍ୟ ପଦକ ଜିତିବା ପରେ ଆଉ କୌଣସି ଭାରତୀୟ ପୁରୁଷ ରିକର୍ଭ ତୀରନ୍ଦାଜ ବିଶ୍ୱକପ୍ ଫାଇନାଲରେ ପଦକ ଜିତିନଥିଲେ।

# ବର୍ମିଂହାମ୍ ଟେଷ୍ଟ: ପାକିସ୍ତାନକୁ ବଡ଼ ଜରିମାନା



**ଦୁବାଇ:** ବର୍ମିଂହାମରେ ଶନିବାର ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଧିମା ଓଭର ବୋଲିଂ ପାଇଁ ଭ୍ରମଣକାରୀ ପାକିସ୍ତାନକୁ ବଡ଼ ଦଣ୍ଡ ମିଳିଛି। ଏହି ଦଳକୁ ସୋମବାର ଜରିମାନା ବାବଦରେ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ ପଏଣ୍ଟ ଖାତାରୁ ୧୧ ପଏଣ୍ଟ କାଟି ଦିଆଯାଇଛି। ବାବର ଆଜମଙ୍କ ନେତୃତ୍ୱାଧୀନ ଏହି ଦଳ ନିର୍ଦ୍ଧାରିତ ସମୟରେ ୧୧ ଓଭର କମ୍ ପକାଇଥିଲା। ଆଇସିସିର ଖେଳାଳି ଓ ଖେଳାଳିଙ୍କ ସହ ସଂପୃକ୍ତ ଅଧିକାରୀମାନଙ୍କ ପାଇଥିବା ଆଚରଣବିଧିର ଧାରା ୨.୨୨ ଅନୁଯାୟୀ ଏହି ଦଣ୍ଡ ଦିଆଯାଇଛି। ଏହି ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଦଳ ପକ୍ଷରୁ କମିଥିବା ପ୍ରତି ଓଭର ପିଛା ଖେଳାଳିଙ୍କ ମ୍ୟାଚ୍ ପାଉଣାର ୫ % କିମ୍ବା ସର୍ବାଧିକ ୫୦ ପ୍ରତିଶତ କଟାଯିବ।

ଏହା ସହ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଖେଳ ନିୟମର ଧାରା ୧୬.୧୧.୨ ଅନୁଯାୟୀ ଗୋଟିଏ ଦଳ ନିର୍ଦ୍ଧାରିତ ସମୟରେ ପ୍ରତି କମ୍ ଓଭର ପାଇଁ ଗୋଟିଏ ପଏଣ୍ଟ କଟାଯିବ। ସେହି ଅନୁଯାୟୀ ପାକିସ୍ତାନ ୧୧ ଓଭର କମ୍ ପକାଇଥିବାରୁ ୧୧ ଡବ୍ଲୁଟିସି ପଏଣ୍ଟ କଟାଯାଇଛି। ଫଳରେ ସଂପ୍ରତି ପାକିସ୍ତାନ ୪.୬୩ ପଏଣ୍ଟ % ସହ ୯ ଦଳୀୟ ଟେବୁଲର ଶେଷ ସ୍ଥାନରେ ରହିଛି ବୋଲି ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପଡ଼ିଆ ଅମ୍ପାୟାର ପଲ ରିଫେଲ, କ୍ରିସ୍ ଗାଫାନି, ତୃତୀୟ ଅମ୍ପାୟାର ଆଲ୍ଲାହୁଦ୍ଦିନ ପାଲେକର ଓ ଚତୁର୍ଥ ଅମ୍ପାୟାର ରସେଲ ୱାରେନଙ୍କ ଉପସ୍ଥିତିରେ ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେ ଏହି ଦଣ୍ଡ ଶୁଣାଇଛନ୍ତି। ତୃତୀୟ ଟେଷ୍ଟକୁ ୮ ୱିକେଟ୍ ହାରିଥିବା ପାକିସ୍ତାନ ଶୃଙ୍ଖଳା ୦-୩ରେ ମୂଳପୋଛ ହୋଇଥିଲା। ଲିଡ୍‌ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଏହି ଦଳ ପାଳି ଓ ୧୦୩ ରନ୍ ଏବଂ ଲର୍ଡ୍ସ ଟେଷ୍ଟରେ ୧୯୪ ରନ୍‌ରେ ହାରିଥିଲା।



# ସଚିନଙ୍କ ରେକର୍ଡ ଭାଙ୍ଗିଲେ ବ୍ରେଣ୍ଡନ ଟେଲର

**ନୂଆଦିଲ୍ଲୀ :** ଜିମ୍ବାୱେର ଅଭିଜ୍ଞ ବ୍ୟାଟର ବ୍ରେଣ୍ଡନ ଟେଲର କ୍ରିକେଟ ଇତିହାସରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ମଇଦାନକୁ ଓହ୍ଲାଇବା ମାତ୍ରେ ସେ ମହାନ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ଏକ ବଡ଼ ବିଶ୍ୱ ରେକର୍ଡକୁ ନିଜ ନାମରେ କରିଛନ୍ତି।

ଟେଲର ଏବେ ପୁରୁଷ ଦିନିକିଆ କ୍ରିକେଟ ଇତିହାସରେ ସବୁଠାରୁ ଦୀର୍ଘ ସମୟ ଧରି ଖେଳିଥିବା ଖେଳାଳି ପାଲଟିଛନ୍ତି। ତାଙ୍କର ଦିନିକିଆ କ୍ୟାରିୟର ୨୨ ବର୍ଷ ୧୪୬ ଦିନରେ ପହଞ୍ଚିଛି। ପୂର୍ବରୁ ଏହି ବିଶ୍ୱ ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ଥିଲା, ଯାହାଙ୍କ ଦିନିକିଆ କ୍ୟାରିୟର ୨୨ ବର୍ଷ ୯୧ ଦିନ ଚାଲିଥିଲା। ଏହିପରି ଭାବେ ଟେଲର ପ୍ରାୟ ୫୫ ଦିନର ବ୍ୟବଧାନରେ ସଚିନଙ୍କୁ ପଛରେ ପକାଇ ଦେଇଛନ୍ତି। ୪୦ ବର୍ଷୀୟ ବ୍ରେଣ୍ଡନ ଟେଲର ୨୦୦୪ ମସିହାରେ ଦିନିକିଆ ପଦାର୍ପଣ କରିଥିଲେ। ସେ ଏପର୍ଯ୍ୟନ୍ତ ୨୦୭ଟି ଦିନିକିଆ ମ୍ୟାଚ୍ ଖେଳି ଜିମ୍ବାୱେ ପାଇଁ ସର୍ବାଧିକ ୧୧ଟି ଶତକ ହାସଲ କରିଛନ୍ତି। ଅନ୍ୟପଟେ ସଚିନ ୧୯୮୯ରେ ଡେବ୍ୟୁ କରି ୨୦୧୨ରେ ଦିନିକିଆରୁ ଅବସର ନେଇଥିଲେ। ଏହି ରେକର୍ଡ ଭାଙ୍ଗିଥିଲେ ମଧ୍ୟ ସଚିନଙ୍କ ସର୍ବାଧିକ ରନ୍ (୧୮,୪୨୬) ଏବଂ ସର୍ବାଧିକ ମ୍ୟାଚ୍ (୪୬୩) ରେକର୍ଡ ଏବେ ବି ଅକ୍ଷୁଣ୍ଣ ରହିଛି।

ଟେଲରଙ୍କ କ୍ରିକେଟ ଯାତ୍ରା ବେଶ ନାଟକୀୟ ରହିଛି। ସେ ୨୦୨୧ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଏହାପରେ ଆଇସିସିର ଦୁର୍ନୀତି ନିବାରଣ ନିୟମ ଉଲ୍ଲଂଘନ ଯୋଗୁଁ ୨୦୨୨ରେ ତାଙ୍କ ଉପରେ ସାଢ଼େ ତିନି ବର୍ଷର ନିଲମ୍ବନ ଲାଗୁ ହୋଇଥିଲା। ବ୍ୟାନ୍ ସରିବା ପରେ ସେ ୨୦୨୫ରେ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ। ୨୦୨୭ ଦିନିକିଆ ବିଶ୍ୱକପ୍ ?ର ସହ-ଆୟୋଜକ ଦାୟିତ୍ୱ ଜିମ୍ବାୱେ ଉପରେ ଥିବାରୁ ଟେଲର ପୁନର୍ବାର ଦଳକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ।

ହରାରେରେ ଖେଳାଯାଉଥିବା ଏହି ମ୍ୟାଚ୍ ?ରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦୀର୍ଘ ୧୨ ବର୍ଷ ପରେ ଜିମ୍ବାୱେ ମାଟିରେ ଅଷ୍ଟ୍ରେଲିଆ ଏବଂ ଜିମ୍ବାୱେ ମଧ୍ୟରେ କୌଣସି ଦିନିକିଆ ମୁକାବିଲା ଅନୁଷ୍ଠିତ ହୋଇଛି।


Executive Editor : M.M. RAM
Editor : MUKESH RAM

Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003

କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ